୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.41 Bhubaneswar Sunday March 17 2024 | ୨୬ତମ ବର୍ଷ ସଂଖ୍ୟା–୪୧ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୧୭, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 | (Air Surcharge - 0.50P) | Member-INS

## ଓଡିଶାରେ ୪ଟି ପର୍ଯ୍ୟାୟରେ ଭୋଟ୍: ଆଜିଠୁ ଆଦର୍ଶ ଆଚ଼ରଣ ବିଧି ଲାଗୁ , କେଉଁଠି କେବେ ଭୋଟ୍ ଦେଖନ୍ତୁ

ଭୁବନେଶ୍ୱର, ୧୬।୩(ପି.ଏନ): ଓଡିଶାରେ ଉଭୟ ଲୋକସଭା ଓ ବିଧାନସଭା ଭୋଟ୍ ପାଇଁ ଆଜି ତାରିଖ ଘୋଷଣା ହୋଇଛି। ରାଜ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ କରାଯିବ। ଆଜି ନିର୍ବାଚ଼ନ କମିଶନ ଏହି ତାରିଖ ଘୋଷଣା କରିଛନ୍ତି। ରାଜ୍ୟରେ ମେ' ୧୩ରୁ ଜୁନ୍ ୧ ତାରିଖ ମଧ୍ୟରେ ୪ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ ଓ ଜୁନ୍ ୪ତାରିଖରେ ଭୋଟ ଗଣତି ହେବ। ଆଜିଠୁ ସମଗ୍ର ରାଜ୍ୟରେ ନିର୍ବାଚ଼ନ ଆଦର୍ଶ ଆଚ଼ରଣ ବିଧି ଲାଗୁ ହେଲା ବୋଲି ନିର୍ବାଚ଼ନ କମିଶନ ସୂଚ଼ନା ଦେଇଛନ୍ତି ।ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚ଼ନ କମିଶନ ରାଜୀବ କୁମାର କହିଛନ୍ତି ଯେ, ସମଗ୍ର



ଦେଶରେ ୭ଟି ପର୍ଯ୍ୟାୟରେ ଭୋଟ୍ ଗ୍ରହଣ ହେବ ।ଓଡିଶାରେ ଚ଼ତୁର୍ଥ, ପଂଚ଼ମ, ଷଷ୍ଠ ଓ ସପ୍ତମ ପର୍ଯ୍ୟାୟରେ ଉଭୟ ବିଧାନସଭା ଓ ଲୋକସଭା ଆସନ ପାଇଁ ଭୋଟ୍ ଗ୍ରହଣ ହେବ ।ରାଜ୍ୟରେ ପ୍ରଥମ ପର୍ଯ୍ୟାୟ (ସମଗ୍ର ଦେଶରେ ଚ଼ତୁର୍ଥ ପର୍ଯ୍ୟାୟ)ରେ ୪ଟି ଲୋକସଭା ଆସନ ଯଥା- କଳାହାଣ୍ଡି, ନବରଙ୍ଗପୁର, ବ୍ରହ୍ମପୁର ଓ କୋରାପୁଟ ଲୋକସଭା ନିର୍ବାଚ଼ନମଣ୍ଡଳୀ ସମେତ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନରେ ଭୋଟ୍ ଗ୍ରହଣ ହେବ । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ଏପ୍ରିଲ ୧୮ତାରିଖରେ ପ୍ରକାଶ ପାଇବା ସହ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଏପ୍ରିଲ ୨୫ତାରିଖରେ ନାମାଙ୍କନ ପତ୍ର ଦାଖଲ ଶେଷଦିନ ରହିଛି । ଏପ୍ରିଲ ୨୬ରେ ନାମାଙ୍କନ ପତ୍ର ଯାଂଚ଼, ଏପ୍ରିଲ ୨୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଦିନଧାର୍ଯ୍ୟ ହୋଇଛି । ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ମେ' ୧୩ ତାରିଖରେ ହେବ ।

## ଓଡିଶା ସହ ଲୋକସଭା ନିର୍ବାଚ଼ନ ପାଇଁ ଘୋଷଣା ହେଲା ତାରିଖ

ଭୁବନେଶ୍ୱର, ୧୬।୩(ପି.ଏନ): ଦେଶର ସାଧାରଣ ନିର୍ବାଚ଼ନ ପାଇଁ ଆଜି ତାରିଖ ଘୋଷଣା ହୋଇଛି। ମୁଖ୍ୟ ନିର୍ବାଚ଼ନ କମିଶନ ରାଜୀବ କୁମାର ଓ ଦୁଇ ନିର୍ବାଚ଼ନ କମିଶନର ଜ୍ଞାନେଶ କୁମାର ଏବଂ ସୁଖବୀର ସିଂହ ସାନ୍ଧୁ ମିଳିତ ଭାବେ ସାମ୍ବାଦିକ ସମ୍ମିଳନୀ କରି ତାରିଖ ଘୋଷଣା କରିଛନ୍ତି। ଦେଶର ମୋଟ ୫୪୩ ଲୋକସଭା ଆସନ ପାଇଁ ୭ଟି ପର୍ଯ୍ୟାୟରେ ଭୋଟିଂ ହେବ। ପ୍ରଥମ ପର୍ଯ୍ୟାୟ ଭୋଟି ଏପ୍ରିଲ ୧୯ରୁ ଆରମ୍ଭ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଏପ୍ରିଲ ୨୬, ତୃତୀୟ ପର୍ଯ୍ୟାୟ ଭୋଟ ମେ' ୭, ୪ର୍ଥ ପର୍ଯ୍ୟାୟ ଭୋଟ ମେ' ୧୩, ୫ମ ପର୍ଯ୍ୟାୟ ଭୋଟ ୨୦, ୬ଷ୍ଠ ପର୍ଯ୍ୟାୟ ଭୋଟ ମେ' ୨୫ ଓ ଶେଷ ପର୍ଯ୍ୟାୟ ଭୋଟ ଜୁନ ୧ରେ ଅନୁଷ୍ଠିତ। ଆଜି ନିର୍ବାଚ଼ନ କମିଶନ ଲୋକସଭା ବ୍ୟତୀତ ୪





ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚ଼ନ ପାଇଁ ମଧ୍ୟ ତାରିଖ ଘୋଷଣା କରିଛନ୍ତି। ଓଡିଶା, ଅରୁଣାଚ଼ଳ ପ୍ରଦେଶ, ସିକ୍କିମ ଓ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚ଼ନ ମଧ୍ୟ ଲୋକସଭା ନିର୍ବାଚ଼ନ ସହ ସମାନ୍ତରାଳ ଭାବେ ଅନୁଷ୍ଠିତ ହେବ। ସେହିପରି ବିଭିନ୍ନ ରାଜ୍ୟରେ ଖାଲି ପଡିଥିବା ୨୬ଟି ବିଧାନସଭା ଆସନ ପାଇଁ ଉପ ନିର୍ବାଚ଼ନ ହେବ।

## ବବିଙ୍କ ପ୍ରଶଂସା ପତ୍ର ଲେଖିଲା କିଏ ? ସବୁ ପୋଷ୍ଟ ସମାନ ହେଲା କେମିତି ?

ଭୁବନେଶ୍ୱର, ୧୬।୩(ପି.ଏନ): ବିଜେଡି ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ପାଇଁ ପ୍ରଶଂସା ପତ୍ର ଲେଖିଲା କିଏ ? ତାଙ୍କୁ ପ୍ରଶଂସା କରି ସୋଶାଲ୍ ? ମିଡିଆରେ ପୋଷ୍ଟ ହୋଇଥିବା ସବୁ ଲେଖା ସମାନ ହେଲା କେମିତି ଢ ରେ ପୋଷ୍ଟ ହୋଇଥିବା ଲେଖାକୁ ନେଇ ସୋଶାଲ୍ ମିଡିଆ ୟୁଜର୍ସ ଆଜି ଏପରି ପ୍ରଶ୍ନ ପଚ଼ାରିଛନ୍ତି। ଯାହାକୁ ନେଇ ନାନା ଚ଼ର୍ଚ୍ଚା ହେଉଛି। ଯେମିତି ଲାଗୁଛି ଭିଣୋଇ ବିଜେପିରେ ମିଶିବା ପରେ ବିଶାଦରେ ଥିବା ବବିଙ୍କ ମାନ ଭଞ୍ଜନ କରିବା ପାଇଁ ବିଜେଡି ନେତାମାନେ ଗୋଟିଏ ପୋଷ୍ଟକୁ କପି କରିଛନ୍ତି !ଘଟଣାଟି ଏମିତି। ଶୁକ୍ରବାର ବବିଙ୍କ ଭିଣୋଇ ଅରିନ୍ଦମ ରାୟ ବିଜେଡିରୁ ଇସ୍ତଫା ଦେବାର କିଛି ସମୟ ପରେ ବିଜେପିରେ ଯୋଗ ଦେଇଥିଲେ। ବିଜେପିରେ ମିଶିବା ପରେ ବିଜେଡି ଉପରେ ବର୍ଷିଥିଲେ ଅରିନ୍ଦମ। ଏହି ଖବର ସାମ୍ନାକୁ ଆସିବା ପରେ ସୋଶାଲ୍ ? ମିଡିଆ ଟାର୍ଗେଟରେ ଥିଲେ ବବି। ସୋଶାଲ୍ ? ମିଡିଆ ୟୁଜର୍ସ ଓ ବିରୋଧୀ ଦଳର ନେତାମାନେ ବବିଙ୍କୁ ଟାର୍ଗେଟ କରିଥିଲେ। ନାନା କଥା ସୋଶାଲ ମିଡିଆରେ ଲେଖାଯାଇଥିଲା। ଏହା ପରେ ବବିଙ୍କ ସମର୍ଥନରେ ସୋଶାଲ ମିଡିଆରେ ଲେଖା ପୋଷ୍ଟ କରିଥିଲେ କେତେକ ବିଜେଡି ନେତା।

## ୪ ଦିନ ତାତିରୁ ମିଳିବ ତ୍ରାହି: ମଙ୍ଗଳବାର ୬ ଜିଲ୍ଲାରେ ପ୍ରବଳ ବର୍ଷା !

ଭୁବନେଶ୍ୱର, ୧୬।୩(ପି.ଏନ): ତାତିରେ ଲାଗିଲା ବ୍ରେକ୍। ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପାଗରେ ପରିବର୍ତ୍ତନ ହେବ। କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ତେବେ ମଙ୍ଗଳବାର ୬ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚ଼ନା ଜାରି କରାଯାଇଛି ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ? ଅନୁସାରେ ଆସନ୍ତାକାଲି ରବିବାର ସମଗ୍ର ରାଜ୍ୟରେ କେତେକ ସ୍ଥାନରେ ହାଲ୍‌କାରୁ ମଧ୍ୟମ ଧରଣ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବରଗଡ, ସୋନପୁର, ସମ୍ବଲପୁର, ଝାରସୁଗୁଡା, ସୁନ୍ଦରଗଡ, ଦେବଗଡ,



ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ଯାଜପୁର, କଟକ, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ କେତେକ ସ୍ଥାନରେ ବଜ୍ରପାତ ସହ ଘଡଘଡି ମାରିବାର ରହିଛି। ସେହି ସମୟରେ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ୧୪ଟି ପ୍ରସ୍ତାବ ଉପରେ କ୍ୟାବିନେଟ ମୋହର: ନିର୍ବାଚ଼ନ ତାରିଖ ପୂର୍ବରୁ ବସିଥିଲା ବୈଠକ

ଭୁବନେଶ୍ୱର, ୧୬।୩(ପି.ଏନ): ଆଜି ଅପରାହ୍ନରେ ଘୋଷଣା ହୋଇପାରେ ଓଡିଶା ବିଧାନସଭା ନିର୍ବାଚ଼ନ ତାରିଖ । କିନ୍ତୁ ଏହାପୂର୍ବରୁ ରାଜ୍ୟ କ୍ୟାବିନେଟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ମୋଟ ୧୪ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ମାରିଛି ରାଜ୍ୟ କ୍ୟାବିନେଟ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ୧୪ଟି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି ।ରାଜଧାନୀର ଚ଼ନ୍ଦ୍ରଶେଖରପୁରରେ ଯାଦବ ଭବନ ନିର୍ମାଣ ହେବା ନେଇ କ୍ୟାବିନେଟରେ ସବୁଜ ସଂକେତ ମିଳିପାରିଛି । ଉତ୍କଳ ଯାଦବ ମହାସଭାର ୫କୋଟି ୬୦ ଲକ୍ଷ ପ୍ରିମିୟମ ଛାଡ଼ ପାଇଁ କ୍ୟାବିନେଟ ଅନୁମୋଦନ ମିଳିଛି ।ସେହିପରି କଟକ ଚ଼ାଉଳିଆଗଞ୍ଜରେ ଏକ ଡିଏଭି ମେଡିକାଲ ପବ୍ଲିକ ସ୍କୁଲ ତିଆରି କରିବେ ରାଜ୍ୟ ସରକାର । ୨୯ କୋଟି ୩୭ ଲକ୍ଷ ପ୍ରିମିୟମ ଛାଡ ପାଇଁ କ୍ୟାବିନେଟରେ ନଷ୍ପତ୍ତି ହୋଇଛି। ଏହାବ୍ୟତୀତ କଟକ ମହାନଦୀ ଉପରେ ଏକ ଉଚ୍ଚ଼ ସେତୁ ନିର୍ମାଣ କରିବା ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିପାରିଛି । ଅନ୍ୟପକ୍ଷରେ ସାଲେପୁର ବ୍ରାହ୍ମଣଖଣ୍ଡ–ସାହୁଖେତ ରାସ୍ତାରେ ବ୍ରିଜ ନିର୍ମାଣକୁ ମଞ୍ଜୁରୀ ଦେଇଛି ରାଜ୍ୟ କ୍ୟାବିନେଟ ବୈଠକ । ଏଥିପାଇଁ ୧୨୮ କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବା ବେଳେ ୩ ବର୍ଷରେ ସେତୁ ନିର୍ମାଣ କାମ ସରିବ ।ଜଳସେଚ଼ିତ ଅଞ୍ଚଳରେ ପୁରୁଣା କରନାଳୀର ପୁନଃନିର୍ମାଣ କାମ ବଢିବା ପାଇଁ ମଧ୍ୟ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ନିଆଯାଇଛି । ପୁନଃନିର୍ମାଣ କାର୍ଯ୍ୟର ଅବଧିକୁ ବୃଦ୍ଧି କରିବା ନିଷ୍ପତ୍ତି ନିଆଯାଇଛି। ତାଳଚେର ଫର୍ଟିଲାଇଜର ଲିମିଟେଡକୁ ୮୫୬ ଏକର ଜାଗା ପଞ୍ଜିକରଣ ହେବ। ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଷ୍ଟାମ୍ପ ଭେଣ୍ଡରଙ୍କ କମିସନ ବୃଦ୍ଧିକୁ କ୍ୟାବିନେଟ ଅନୁମୋଦନ ମିଳିଛି।

## ନିର୍ବାଚ଼ନୀ ବଣ୍ଡ ତଥ୍ୟ ନିର୍ବାଚ଼ନ କମିଶନଙ୍କୁ ଫେରାଇଲେ ସୁପ୍ରିମକୋର୍ଟ

ଭୁବନେଶ୍ୱର, ୧୬।୩(ପି.ଏନ): ବନ୍ଦ ଲଫାପାରେ ଥିବା ନିର୍ବାଚ଼ନ ବଣ୍ଡ ସହ ଜଡିତ ତଥ୍ୟକୁ ହାସଲ କରିଛନ୍ତି ନିର୍ବାଚ଼ନ କମିଶନ। ୫ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶ ଅନୁସାରେ ସୁପ୍ରିମକୋର୍ଟ ରେଜିଷ୍ଟ୍ରାର ଆଜି ନିର୍ବାଚ଼ନ କମିଶନଙ୍କୁ ତଥ୍ୟ ହସ୍ତାନ୍ତର କରିଛନ୍ତି ।ଉକ୍ତ ଦସ୍ତାବିଜକୁ ନିର୍ବାଚ଼ନ କମିଶନ ୨୦୧୯ ଓ ୨୦୨୩ରେ ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିଥିଲେ। ଏହାର ଅନ୍ୟ କୌଣସି କପି ନଥିବାରୁ ନିର୍ବାଚ଼ନ କମିଶନ ଏହାକୁ ଫେରାଇ ଦେବାକୁ ସୁପ୍ରିକୋର୍ଟଙ୍କୁ ଅନୁରୋଧ କରିଥିଲେ।

## ଭୁବନେଶ୍ୱର ମହାନଗର ଦୃଷ୍ଟି ବାଧିତ ଦିବ୍ୟାଙ୍ଗଙ୍କ ଅନଶନକୁ ଛାତ୍ର କଂଗ୍ରେସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଓ ଯୁବ କଂଗ୍ରେସର ସମର୍ଥନ

ଭୁବନେଶ୍ୱର, ୧୬।୩(ପି.ଏନ): ଆଜି ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ଭେଣ୍ଡିଂଜୋନ ଦୋକାନ ପାଇଁ ଅନଶନରତ ଦୃଷ୍ଟି ବାଧିତ ଦିବ୍ୟାଙ୍ଗଙ୍କ ଦାବିକୁ ଛାତ୍ର କଂଗ୍ରେସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ଓ ଯୁବ କଂଗ୍ରେସ ପକ୍ଷରୁ ସମର୍ଥନ ଜଣାଇ ସେଠାରେ ଆନ୍ଦୋଳନ କରାଯାଇଥିଲା। ଦୁଇ ନମ୍ବର ମାର୍କେଟ ବିଲିଡିଙ୍ଗ ଠାରେ ଉଠା ଦୋକାନ ପକାଇ ଜୀବନ ଜୀବିକା ଅର୍ଜନ କରୁଥିବା ଦୃଷ୍ଟି ବାଧିତ ଦିବ୍ୟାଙ୍ଗମାନଙ୍କୁ ଦୁର୍ବ୍ୟବହାର କରି ସେମାନଙ୍କୁ ସେଠାରୁ ତଡ଼ି ଦିଆଯାଇଥିଲା। ପ୍ରାୟ ୧ ବର୍ଷରୁ ଊର୍ଦ୍ଧ୍ୱ ଏହି ଦିବ୍ୟାଙ୍ଗମାନେ ଭୋକ ଉପାସରେ କାଳ କାଟୁଥିଲେ। ସେମାନେ ରୋଜଗାର ପାଇଁ ଭେଣ୍ଡି ଜୋନରେ ଦୋକାନ ପାଇବାକୁ ଉଭୟ ମହାନଗର ନିଗମ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ ହେଲେ ରାଜ୍ୟ ସରକାର କି ମହାନଗର ନିଗମ କର୍ତ୍ତୃପକ୍ଷ ଏମାନଙ୍କର କରୁଣ ଚିତ୍କାରକୁ କର୍ଣ୍ଣପାତ କରିନଥିଲେ। ଏହି ଆନ୍ଦୋଳନ ଅବସରରେ କଂଗ୍ରେସର ନେତୃବର୍ଗ ଏବଂ ଆନ୍ଦୋଳନରତ ଦିବ୍ୟାଙ୍ଗମାନେ ବିଏମସି କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରିବା ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲା। ପରେ କିଛି ପ୍ରତିନିଧି ନିର୍ଦ୍ଦିଷ୍ଟ ଦାବି ସହ ଯାଇ ଭୁବନେଶ୍ୱର ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା କରିଥିଲେ। ଏହି ଦିବ୍ୟାଙ୍ଗ ମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ନିଷ୍ପତି ଗ୍ରହଣ କରାଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ପଦେଶ ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ସାଧାରଣ ସଂପାଦକ ପ୍ରକାଶ ମିଶ୍ର, ମୁଖପାତ୍ର ରଜନୀ ମହାନ୍ତି, ଗଣେଶ ଦାସ, ଆରତୀ ମାହାଲା, ଶ୍ରୀୟସ୍ମିତା ପଣ୍ଡା, ଶିଞ୍ଜିଶ୍ରୀ ହରିଚନ୍ଦନ, ଶୁଭଦ୍ରା ମିଶ୍ର, ସିଦ୍ଧାର୍ଥ ରାଉତରାୟ, ପ୍ରସନ୍ନ ନାୟକ, ଅଶୋକ ଦାସ, ସୁନିଲ ମାଟିଆ, ସୁରଜ ରାଉତ, ମୋହନ ଜେନା, ଶିଶିର ରାଉତରାୟ, ଅକ୍ଷୟ କୁମାର ଦାସ, ଦେବରାଜ ମିଶ୍ର, ମାନସ ରନ ସେଠୀ, ବ୍ରହ୍ମାନନ୍ଦ ସାହୁ ଉପସ୍ଥିତ ଥିଲେ।

## କିଟ୍ ଓ କିସ୍ ପରିଦର୍ଶନ କଲେ ହାର୍ଭାର୍ଡ-ଇଣ୍ଡିଆର ୪୦ ଜଣିଆ ପ୍ରତିନିଧିମଣ୍ଡଳୀ

ଭୁବନେଶ୍ୱର, ୧୬।୩(ପି.ଏନ): ୧୦ ତାରିଖରୁ କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ହାର୍ଭାର୍ଡ ଇଣ୍ଡିଆ ଟ୍ରେକ୍ ନିମନ୍ତ୍ରଣ କାର୍ଯ୍ୟକ୍ରମରେ ୪୦ ଜଣିଆ ପ୍ରତିନିଧିମଣ୍ଡଳୀ ଶନିବାର ସମସ୍ତ କାର୍ଯ୍ୟକ୍ରମ ସାରି ଫେରି ଯାଇଛନ୍ତି। ଆଜି ସକାଳେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସେମାନଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିବା ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଓଡ଼ିଶା କଳା, ସଂସ୍କୃତି ଓ ପରମ୍ପରାରେ ସେମାନେ ଅଭିଭୂତ ହୋଇପଡ଼ିଥିଲେ। ସେମାନେ ସମ୍ବଲପୁରୀ କୁର୍ତ୍ତା ପିନ୍ଧି ଏହାର ପ୍ରମାଣ ଦେଇଥିଲେ। କିଟ୍ ଓ କିସ୍ ପରିଦର୍ଶନରେ ଆସି କିଟ୍‌ର ବିଭିନ୍ନ ବିଭାଗ ଓ କିସ୍‌ର ବିଭିନ୍ନ ୟୁନିଟ୍ ପରିଦର୍ଶନ କରିବା ସହ ଉଭୟ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଭାବର ଆଦାନ ପ୍ରଦାନ କରିଥିଲେ। ସେମାନେ କିଟ୍ ଓ କିସ୍ ଛାତ୍ରଛାତ୍ରୀଙ୍କ ସହ ଦୀର୍ଘ ସମୟ





ଭାବର ଆଦାନ ପ୍ରଦାନ କରିଥିଲେ। ସେମାନେ କିଟ୍ ଓ କିସ୍‌ର ଶ୍ରେଣୀଗୃହରେ ଦୀର୍ଘ ସମୟ ଛାତ୍ରଛାତ୍ରୀଙ୍କ ସହ ଅତିବାହିତ କରି ପାଠାଗାର ଆଦିରେ ସମୟ ଅତିବାହିତ କରିଥିଲେ। ଏହି ଦଳରେ ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ପରିଦର୍ଶନରେ ଆସିଥିବା ହାର୍ଭାର୍ଡର ପୁରାତନ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ରାଜନୀତି, ନୀତି ନିର୍ଦ୍ଧାରକ, ବ୍ୟବସାୟୀ, ଶିକ୍ଷାବିତ୍, ଆଇନ୍ ଓ ଉନ୍ନୟନ ଆଦି କ୍ଷେତ୍ରରେ କାର୍ଯ୍ୟରତ। ସେମାନଙ୍କ ଗସ୍ତର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଭାରତ ବିଶେଷ କରି ଓଡ଼ିଶାର କଳା, ସଂସ୍କୃତି, ଐତିହ୍ୟ, ସାମାଜିକ-ଅର୍ଥନୈତିକ ସ୍ଥିତି ବିଷୟରେ ଜାଣିବା। ସେମାନେ କିଟ୍ ଓ କିସ୍ ବୁଲିବା ପରେ ଏଥିରେ ଅଭିଭୂତ ହେବା ସହ ଏଭଳି ସୁନ୍ଦର ଅନୁଷ୍ଠାନ ବିଶ୍ୱରେ ବିରଳ ବୋଲି ମତ ଦେଇଛନ୍ତି। ଏଭଳି ପ୍ରୟାସ ପାଇଁ ସେମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଶୁକ୍ରବାର ଏହି ପ୍ରତିନିଧିମଣ୍ଡଳୀ ଅଚ୍ୟୁତ ସାମନ୍ତଙ୍କ ବାସ ଭବନରେ ତାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ଶ୍ରୀ ସାମନ୍ତଙ୍କ ଅତି ସାଧାରଣ ଜୀବନ ଶୈଳୀ ବିଷୟରେ ଜାଣିଥିଲେ। ଓଡ଼ିଶାର ଅନନ୍ୟ ପାଠାଗାର କିଟ୍‌ର କେନ୍ଦ୍ରୀୟ ପାଠାଗାରା ଦେଖି ସେମାନେ ଖୁସି ବ୍ୟକ୍ତ କରିଥିଲେ।

## କ୍ଷୁଦ୍ର ଓ ମଧ୍ୟମ ଶିଳ୍ପରେ ଶ୍ରମିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧରେ ଆନ୍ତର୍ଜାତିକ ଶ୍ରମିକ ସଂଗଠନ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନର ସମୂହ ଆଲୋଚନା

ଭୁବନେଶ୍ୱର ,୧୫।୩ (ପି.ଏନ) : ଆଜି ଆନ୍ତର୍ଜାତୀୟ ଶ୍ରମିକ ସଂଗଠନ (ଆଇ.ଏଲ୍.ଓ.) ଓ ଓଡ଼ିଶାର ଏଗାରଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପ୍ରତିନିଧିମାନଙ୍କୁ ନେଇ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ସମ୍ବନ୍ଧୀୟ ଆଲୋଚନାଚକ୍ର ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି ତଥା ରାଜ୍ୟ ସଭାପତି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ରାଜ୍ୟ ଶ୍ରମ ବିଭାଗର ମୁଖ୍ୟ ଶାସନ ସଚୀବ ଶ୍ରୀ ସନ୍ତୁ ଗୋପାଳନ୍, ଆଇ.ଏ.ଏସ୍. ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହି ଆଲୋଚନାକୁ ଉଦ୍‌ଘାଟନ କରି ଗତ ୨୫ ବର୍ଷ ଭିତରେ ଶ୍ରମିକମାନଙ୍କର ସୁରକ୍ଷା, ସ୍ୱାସ୍ଥ୍ୟ ସୁରକ୍ଷା, ସର୍ବନିମ୍ନ ମଜୁରୀ ତଥା ସାମାଜିକ ସୁରକ୍ଷା ସମ୍ବନ୍ଧରେ ରାଜ୍ୟ ସରକାରଙ୍କ ତରଫରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ। ଏହି ଆଲୋଚନା ଚକ୍ରରେ ଆନ୍ତର୍ଜାତିକ ଶ୍ରମ ସଂଗଠନର ମୁଖ୍ୟ ବୈଷୟିକ ଅଧିକାରିଣୀ ଶ୍ରୀମତୀ ସୁଦୀପ୍ତା ଭଦ୍ରା ଆଇ.ଏଲ.ଓ ଆନ୍ତର୍ଜାତିକ ଶ୍ରମିକ ସଂଗଠନର ଶ୍ରମିକମାନଙ୍କ ପାଇଁ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ।





କର୍ମଚାରୀ ରାଜ୍ୟ ସ୍ୱାସ୍ଥ୍ୟ ବୀମା ନିଗମର ଆଂଚଳିକ ନିର୍ଦ୍ଦେଶକ ଶ୍ରୀ ସୁକାନ୍ତ ଦାସ ଓ କର୍ମଚାରୀ ବୀମା ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ପଣ୍ଡା, ଇ.ଏସ୍.ଆଇ. ତରଫରୁ ପଞ୍ଜିକୃତ ଶ୍ରମିକ କର୍ମଚାରୀଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସୁବିଧା ସୁଯୋଗ ସଂପର୍କରେ ସୂଚନା ଦେଇଥିଲେ। ମୁଖ୍ୟ ପ୍ରସଙ୍ଗ ଇ.ଏସ୍.ଆଇ. କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସଂପର୍କିତ ଆଲୋଚନା କରି ଡ. ରାମଚନ୍ଦ୍ର ଖୁଣ୍ଟିଆ କହିଥିଲେ ଯେ ଆଇ.ଏଲ.ଓ. ବିଗତ ଦିନରେ ୨ ଥର ଏ ସମ୍ବନ୍ଧୀୟ ଆଲୋଚନାଚକ୍ର ଓଡ଼ିଶାରେ କରିଛନ୍ତି। ବିଶେଷ କରି ଏମ୍.ଏସ୍.ଏମ.ଇ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନେ ଶିକ୍ଷା ତଥା କୌଶଳ କ୍ଷେତ୍ରରେ ଦୁର୍ବଳ। ସଚେତନତା ଅଭାବରୁ ସେମାନେ ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ମଧ୍ୟ ହାସଲ କରି ପାରୁନାହାନ୍ତି। ଯଦିଓ ଆଇ.ଏଲ.ଓ ସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରତ୍ୟେକ ଶ୍ରମିକର ମୌଳିକ ଅଧିକାରର ମର୍ଯ୍ୟାଦା ପ୍ରଦାନ କରିଛନ୍ତି ତଥାପି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରୁନାହାନ୍ତି। କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ କାମ କରୁଥିବା ଶ୍ରମିକ, ଅଙ୍ଗନୱାଡ଼ି, ପାଚୀକା, ଆଶାକର୍ମୀ, କୃଷିମିତ୍ର, ଜଙ୍ଗଲ ମିତ୍ର ପ୍ରଭୃତି ଶ୍ରମିକମାନଙ୍କୁ ଇ.ଏସ୍.ଆଇ. ଓ ଇ.ପି.ଏଫ ରେ ପଞ୍ଜିକୃତ କରିବା ପାଇଁ ଡ. ଖୁଂଟିଆ ଦାବୀ କରିଥିଲେ। ଇ.ଏସ୍.ଆଇ. ଉଭୟ କେନ୍ଦ୍ର ଓ ରାଜ୍ୟରେ ଅନେକ ସୁବିଧା ପ୍ରଦାନ କରୁଛି। ଦୁର୍ଘଟଣାଜନିତ ମୃତ୍ୟୁ ହେଉ ବା ସାମୂହିକ ଓ ସଂପୂର୍ଣ୍ଣ ବିକଳାଙ୍ଗ ହେଉ ସେମାନଙ୍କ ପାଇଁ ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ପ୍ରଯ୍ୟାପ୍ତ ଆର୍ଥିକ ସହାୟତାର ବ୍ୟବସ୍ଥା କରିଛନ୍ତି। ପିଲାମାନଙ୍କର ଡାକ୍ତରୀ ପାଠ ତଥା ନର୍ସ ଓ ପାରା ମେଡ଼ିକାଲ ପାଠ୍ୟକ୍ରମ ବ୍ୟବସ୍ଥା ଇ.ଏସ୍.ଆଇ. ଦ୍ୱାରା ପ୍ରତିଷ୍ଠିତ କଲେଜମାନଙ୍କରେ କମ୍ ଅର୍ଥ ବିନିଯୋଗରେ ପ୍ରଦାନ କରାଯାଉଛି। ଆଲୋଚନାରେ ଅଂଶ ଗ୍ରହଣ କରି ନେତୃମଣ୍ଡଳୀ ଆମ ଓଡ଼ିଶାରେ ପ୍ରସ୍ତାବିତ ଇ.ଏସ୍.ଆଇ ମେଡ଼ିକାଲ କଲେଜ ଏବଂ ୧୫୦ ଶଯ୍ୟା ବିଶିଷ୍ଟ ଉନ୍ନତମାନର ଚିକିତ୍ସାଳୟ କାର୍ଯ୍ୟ ତୁରନ୍ତ କରିବା ପାଇଁ ଦାବି କରିଥିଲେ। ଇ.ଏସ୍.ଆଇ ସମ୍ବନ୍ଧୀୟ ସମସ୍ତ ପ୍ରାରମ୍ଭ ସୁବିଧା ସୁଯୋଗ ସମ୍ବନ୍ଧରେ ସରକାରଙ୍କ ତରଫରୁ ସଚେତନତା ଶିବିର କରିବାକୁ ମଧ୍ୟ ଦାବି କରାଯାଇଥିଲା। ଶେଷରେ ଆସନ୍ତା ଜୁନ ୩୦ ତାରିଖ ସୁଧା ପ୍ରତ୍ୟେକ କେନ୍ଦ୍ରୀୟ ସଂଗଠନ ତିନୋଟି କରି ସଚେତନତା ଶିବିର କରିବା ସହିତ ଆଇ.ଏଲ.ଓ ଦ୍ୱାରା ମଧ୍ୟ ସମସ୍ତ ଆବଶ୍ୟକୀୟ ପ୍ରଚାର ପତ୍ର ଯୋଗାଇ ଦେବାକୁ ନିଷ୍ପତ୍ତି ହେଲା। ଏହି ଆଲୋଚନାରେ ଶ୍ରମ ସଚିବ ରାଜ୍ୟ ସରକାରଙ୍କ ଦ୍ୱାରା ନିଷ୍ପତି ହୋଇଥିବା ବର୍ଦ୍ଧିତ ସର୍ବନିମ୍ନ ମଜୁରୀ ସମ୍ବନ୍ଧରେ ସୂଚନା ଥିଲେ। ଆଗାମି ଦିନରେ ରାଜ୍ୟ ସରକାର, ମାଲିକ ସଂଘ ଓ ଶ୍ରମିକ ସଂଗଠନ ମାନଙ୍କୁ ନେଇ ତ୍ରୀପାକ୍ଷିକ ଆଲୋଚନା ଚକ୍ର ହେବ ବୋଲି ଉଭୟ ଆଇ.ଏଲ୍.ଓ ଓ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପ୍ରତିନିଧିମାନେ ନିଷ୍ପତି କରିଥିଲେ। ଏହି ଆଲୋଚନାଚକ୍ରରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖା ତରଫରୁ ସାଧାରଣ ସମ୍ପାଦକ- କିଶୋର ଜେନା, ବି.ଏମ୍.,ଏସ୍. ସାଧାରଣ ସଂପାଦକ- ପୃଥିରାଜ ପଣ୍ଡା, ଏ.ଆଇ.ଟି.ୟୁ.ସିର ସଭାପତି–ଅଶୋକ ଦାସ, ଏଚ.ଏମ.,ଏସ୍.- ଗୋକୁଳ ମେହେର, ସିଆଇଟିୟୁର- ଉଲ୍ଲାସ ସ୍ୱାଇଁ, ଟିୟୁ.ସି.ସିର – ଜ୍ୟୋତିରଞ୍ଜନ ମହାପାତ୍ର, ଏ.ଆଇ.ସି.ସି.ଟି.ୟୁ- ମହେନ୍ଦ୍ର ପରିଡ଼ା, ଏ.ଆଇ.ୟୂ.ଟି.ୟୁ.ସିର- ଜୟସେନ ମେହେରା, ଏଲ.ପି.ଏଫ- ବି.ପି ଦାସ, ସେୱାର – ରିତାଞ୍ଜଳି ବଗର୍ତୀ, ଏନ୍.ଏଫ.ଆଇ.ଟି.ୟୁ- ପ୍ରଶାନ୍ତ ପାଢ଼ୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଆଲୋଚନା ଚକ୍ରରେ ୧୧ ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ତରଫରୁ ୫୬ ଜଣ ରାଜ୍ୟସ୍ତରୀୟ ନେତୃମଣ୍ଡଳୀ ଯୋଗଦାନ କରିଥିଲେ। ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡ଼ିଶା ଶାଖାର ଉପସଭାପତି ତଥା ଏହି କାର୍ଯ୍ୟକ୍ରମର ସହ ସଂଯୋଜକ ମଦନ ମୋହନ ଧଳ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବରମୁଣ୍ଡା ବସ୍ ଟର୍ମିନାଲକୁ ବସ୍ ବନ୍ଦ: ନୂଆ ନିୟମକୁ ନେଇ ବସ୍ ଷ୍ଟାଣ୍ଡରେ ଉତ୍ତେଜନା

ଭୁବନେଶ୍ୱର, ୧୬।୩(ପି.ଏନ): ନିକଟରେ ନୂଆ କରି ନିର୍ମାଣ ହୋଇଛି ବରମୁଣ୍ଡା ବସ୍ ଟର୍ମିନାଲ । ଅତ୍ୟାଦୁନିକ ସେବା-ସୁବିଧା ସହିତ ବରମୁଣ୍ଡା ବସ୍ ଟର୍ମିନାଲ ଏକ ନୂଆ ରୂପ ପାଇଛି । ତେବେ ଆଜି ବସ୍ ଟର୍ମିନାଲ ଭିତରକୁ ବସ୍ ଯିବା ପାଇଁ ବନ୍ଦ କରାଯାଇଛି । ବସ୍ ଷ୍ଟାଣ୍ଡର ନୂଆ ନିୟମକୁ ନେଇ ଟର୍ମିନାଲରେ ଉତ୍ତ ?ଜନା ଦେଖାଦେଇଛି । ନିୟମ ନ ଜଣାଇ ଡ୍ରାଇଭର ଏବଂ ହେଲପରଙ୍କୁ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି । ତେବେ ଏହି ମାମଲାକୁ ନେଇ ଡ୍ରାଇଭର ସଂଘର ତରଫରୁ ପ୍ରତିବାଦ କରାଯାଇଛି ।

## ମହାବିଦ୍ୟାଳୟ ପାଇଲା ପୁନର୍ଜନ୍ମ : ସରକାରଙ୍କୁ କୃତଜ୍ଞତା ଜଣାଇଲେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ

ଭୁବନେଶ୍ୱର, ୧୬।୩(ପି.ଏନ୍.ଏସ୍): ପୁରୀ ଜିଲ୍ଲା ନିମାପଡ଼ା ସାଗଡାସ୍ଥିତ ଜଟେଶ୍ୱର ଦେବ କଲେଜ ଅଫ୍ ଏଜୁକେଶନ ଆଣ୍ଡ ଭୋକେସନାଲ ଉଚ୍ଚ଼ ମାଧ୍ୟମିକ ବିଦ୍ୟାଳୟ ପୁନର୍ଜନ୍ମ ପାଇଛି ।ବିଦ୍ୟାଳୟର ସ୍ୱୀକୃତି ପ୍ରତ୍ୟାହାର କରିଥିବା ଉଚ୍ଚ଼ ଶିକ୍ଷା ନିର୍ଦ୍ଦେଶାଳୟ ନିଷ୍ପତିକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କ କୋର୍ଟ ସ୍ଥାନୀୟ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଖାରଜ କରି ବିଦ୍ୟାଳୟ ପୁନର୍ବାର ପୂର୍ବପରି ୨୦୨୪/୨୫ ଶିକ୍ଷା ବର୍ଷ ଠାରୁ ଛାତ୍ରଛାତ୍ରୀଙ୍କ ନାମ ଲେଖାଇ ଶିକ୍ଷା ଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର ସଂଖ୍ୟା – ୫୪୭୭/ ୧୩.୩.୨୦୨୪ରେ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚ଼ାରୀଙ୍କ ସମେତ ପରିଚ଼ାଳନା କମିଟି ପକ୍ଷରୁ ବିଦ୍ୟାଳୟ ଅଧକ୍ଷା ମୂର୍ଚ୍ଛନା ବିଶ୍ୱାଳ ,ସଭାପତି ଜଳନ୍ଧର ସେନାପତି ,ସମ୍ପାଦକ ତ୍ରିଲୋଚ଼ନ ସାହୁ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଏବଂ ୫ – ଟି ଅଧକ୍ଷ ଭି. କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି।









# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ ‘ନାହିମୁଦି’ ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟାଙ୍ଗନା ଓ ମୋଡେଲମାନେ ବିଭିନ୍ନ ଶୋ’କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

# ପ୍ରସବ କରିବ ରୋବଟ !




ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଂଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଚ୍ଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧୦ାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧ୍ୟତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ



ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡ଼ୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଇଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ତେଜରାତି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ଼୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ଅଳିଆଗଦାରେ ତରକାରୀ ଆଇନ

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶ୍ୟକୀୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ଼ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଘଂନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାଫକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାତି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'



ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱତ୍ତି ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।। ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

**ପୁଷ୍ପଲତା ଦାସ,** କାଠଯୋଡ଼ି ଇନ୍‌କ୍ଲେଭ, ପ୍ଲଟ ନଂ-ବି୧/୨, ସେକ୍ଟର-୯, ସିଡିଏ, କଟକ, ଦୂରଭାଷ : ୯୪୩୮୬୨୦୦୮୩

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟାୟ, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୂରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୧୭

# ସୁକର୍ମ କରେ ଅମର



ଭାସ୍କର ବାରିକ୍

'ରହିନାହିଁ କେହି,ରହିବେ ନାହିଁଟି ଉଭରଙ୍ଗ ଭୂମି ତଳେ, ସର୍ବ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳବଳେ,' । ଅପ୍ରିୟ ସତ୍ୟ । ସମୟ ଓ ସ୍ରୋତ କାହାକୁ ଅପେକ୍ଷା କରେନି । ଉଭୟ ଧାବମାନ ଓ ଗତିଶୀଳ । ଆଜିର ସୁନ୍ଦର ଚିକ୍କଣ ଚେହେରା ଆସନ୍ତା କାଲି ସକାଳକୁ ଯେମିତି ଥିବ, ସେ ଗ୍ୟାରେଣ୍ଟି କେହି ଦେଇ ପାରିବେନି । କୋଟି କୋଟି ଟଙ୍କାର ବ୍ୟବସାୟ କରୁଥିବା ମଣିଷଟିର ସମୟ ଯେ ସବୁବେଳେ ସମାନ ଥିବ ଓ ବ୍ୟବସାୟରେ କିଛି ଏଟେ ଘେପଟ ହେବନି, ସେକଥା କିଏ କହିବ । ପରିବର୍ତ୍ତନ ପରା ପ୍ରକୃତିର ନିୟମ । ସବୁ କ୍ଷଣସ୍ଥାୟୀ । ଟଙ୍କା ପଇସା ,ଧନ ସମ୍ପଦ ଆଜି ଅଛି କାଲିକି ନଥାଇ ପାରେ । ଆସନ୍ତାକାଲି ସକାଳର ସୂର୍ଯ୍ୟ ଦେଖିବା ଅପେକ୍ଷାରେ ରହିଥିବା ମଣିଷ ମାନଙ୍କ ଭିତରୁ ରାତିରେ କାହାର ଜୀବନ ବି ଚାଲିଯାଇ ପାରେ । ଜୀବନ ପରା ଅନିଶ୍ଚିତ, ପାଣି ଫୋଟକାଟିଏ ପରି । କେତେବେଳେ ବି ଫାଟିଯାଇ ପାରେ । ଏମିତି ଏକ ଭାବନା ବଦଳେଇ ଦେଇଥିଲା ଧନବାନ ବେଶ୍ୟା ପିଙ୍ଗଳାର ମନ ହୃଦୟକୁ । କାମୁକ ପୁରୁଷ ମାନଙ୍କ ପାଇଁ ରାତି ରାତି ଉଜାଗର ରହି ଦେହର ଭୋକ ମେଣ୍ଟେଇବା ଓ ଟଙ୍କା ରୋଜଗାର କରି ଜୀବନରେ ଶେଷରେ କ'ଣ ପାଇବ ସେ ? ରାତି ଉଜାଗର ରହି ଯଦି ସେ ଈଶ୍ୱରଙ୍କ ପାଦପଦ୍ମରେ ମନ ଲଗେଇବ, ଈଶ୍ୱରଙ୍କୁ ଆରାଧନା କରିବ, ତାହେଲେ ଦେହ ବେପାର କରି ଟଙ୍କା ରୋଜଗାର କରିବା ଠାରୁ ଢେର୍ ଅଧିକ ଖୁସି ମିଳିବ । ଏମିତି ପବିତ୍ର ଭାବନା ରାଇଜରେ ଥରେ ହଜିଗଲା ପରେ, କାମନା ବାସନା ଓ ଟଙ୍କାର ଲୋଭ ତ୍ୟାଗ କରି ତପସ୍ୟା କରିଛି ଈଶ୍ୱରଙ୍କୁ । ଖୋଜିଛି ମୋକ୍ଷର ମାର୍ଗ । ପିଙ୍ଗଳା ବିପରିତ କାହାଣୀ ପ୍ରମାଣ କରୁଛି କର୍ମ ବଦଳେଇ ପାରେ ଜୀବନର କଣ୍ଟକିତ ଗତିପଥ । ପବିତ୍ର ଆତ୍ମା ଅବଧୂତଙ୍କର ଚବିଶି ଗୁରୁଙ୍କ ଭିତରେ ପରା ପିଙ୍ଗଳା ଥିଲେ । ଅଗ୍ନିର ଲେଲିହାନ ଜିହ୍ୱାରେ ଆକୃଷ୍ଟ ହୋଇ ପତଙ୍ଗ ଗୁଡ଼ିକ ସେହି ଅଗ୍ନିରେ ପୋଡ଼ି ହୋଇ ମରନ୍ତି । ଆଜିର ଅତ୍ୟାଧୁନିକ ସମୟରେ ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମଣିଷମାନଙ୍କ ଅବସ୍ଥା ଠିକ୍ ପତଙ୍ଗ ଭଳି । ବିଭିନ୍ନ ମାୟାରେ ମୋହିତ ଓ ବଶବର୍ତ୍ତୀ ହୋଇ ନିଜର ଅନ୍ତର୍ନିହିତ ବୁଦ୍ଧି ବିବେକକୁ ପୋଡ଼ି ଇନ୍ଦ୍ରିୟ କଥାରେ ପ୍ରତାରିତ ହେଲେ, ଯାହା ହେବା କଥା ସେଇଆ ହେଉଛି । ସବୁ ଆଉ ବି କିଛି ନଥିଲା ପରି ଅନୁଭବ । ଅତ୍ୟଧିକ ଆଶା ଓ ଲୋଭ ମାରି ଦେଉଛି ମାନସିକ ଶାନ୍ତି । ମନରେ ଶାନ୍ତି ନଥିଲେ, ଅଶାନ୍ତି ଭରା ଜୀବନର ମାନେ କ'ଣ । ହୃଦୟ ଭିତରେ ଅହଂକାର, ଅହମିକା, ଗର୍ବ, ଦ୍ୱେଷ ,କ୍ରୋଧ, ପରଶ୍ରୀକାତରତା ଇତ୍ୟାଦି କୁପ୍ରବୃତ୍ତି ଭିତରେ ବାନ୍ଧିହେଲେ, ମଣିଷ ଜୀବନ ପାଲଟିଯାଏ ଏକ ମଉଳା ଫୁଲ । ଶୁଖିଲି ସମୟ ଥିଲା କିଛି ଅହଂକାରୀ ଲୋକଙ୍କର ଉଦ୍ଧତ୍ୟ ପିଣ୍ଡାକୁ କୁଆଡେ କେଜି ଉଠିବାକୁ ସାହସ କରି ପାରୁ ନଥିଲେ । ଶୁଦ୍ର ଲୋକର ଛାଇ ପଡ଼ିଲେ କୁଆଡେ କିଛି ଲୋକ ଆରରେ ଗାଧଉଥିଲେ । ଜାଗଲର ଛାଇ କି ଅଛୁଆଁ ହେଇପାରେ !!! କି କୁତ୍ସିତ ମାନସିକତା ସତରେ । ଲଙ୍ଗଳା ହୋଇ ଆସିଛେ, ଫୁଙ୍ଗୁଳା ହୋଇ ଫେରିଯିବା । ଏଭଳି ନିରାଟ ଅକାଟ୍ୟ ସତ୍ୟ । ତଥାପି ଏତେ ଅହଂକାର । ମଣିଷ ମଣିଷ ଭିତରେ ହଜାରେ ପାଚେରୀ । ଜାତି ଅଜାତି, ଥିଲାବାଲା ନଥିଲା ବାଲା, ଉଚ୍ଚ ନୀଚ୍ଚ ଇତ୍ୟାଦି ଇତ୍ୟାଦି । ଧନୀ ଗରୀବ ଭିତରେ ଫରକ୍ ଯୁଗେ ଯୁଗେ ଥିଲା, ଏବେ ଅଛି ଆଉ ଭବିଷ୍ୟତରେ ବି ରହିବ । କିଏ ଜନ୍ମରୁ ରୂପାର ଚାମଚ ନେଇ ଜନ୍ମ ହୁଏ ତ କିଏ ନିଜର କର୍ମ ଓ ଭାଗ୍ୟ ସହାୟତାରେ ହୁଏ ଅର୍ଥନୈତିକ ଦୃଷ୍ଟିକୋଣରୁ ବଡଲୋକ । ଆଉ କିଏ ବାପ କେଜେକାପା ସଂଚ୍ଚିଥିବା ସମ୍ପତ୍ତିକୁ କେପଲୁଆ ବଙ୍ଗରେ ଉଡେଇ ବଡଲୋକରୁ ହୁଏ ଭିକାରୀ ଅବସ୍ଥାକୁ ଚାଲି ଆସେ । ମଣିଷର କର୍ମ ମଣିଷକୁ ଯଶକୀର୍ତ୍ତି ଯଶଖ୍ୟାତି ଦେଇ ଅମର କରେ ପୁଣି ସେହି ମଣିଷର ଅପକର୍ମ କୁକର୍ମ ମଣିଷକୁ କିଙ୍ଗିଥିଲା ବେଳେ ମାରି ବି ଦେଇପାରେ । ବିହାର ରାଜ୍ୟର ଦଶରଥ ମାଂଝିଙ୍କୁ ଭାରତର ମାଉଣ୍ଟେନ ମ୍ୟାନ କୁହାଯାଏ । ଏକଦା ତାଙ୍କ ସ୍ତ୍ରୀ ଫାଲଗୁନି ଦେବୀଙ୍କର ଶାରିରୀକ ଅବସ୍ଥା ବିଗିଡି ଗଲା ପରିଥିଲା । ଘରୁ ନିକଟତମ ଡାକ୍ତରଖାନାର ଦୂରତା ୫୫ କିଲୋମିଟର । ଦୁରତା ଯୋଗୁଁ ଶିଘ୍ର ଡାକ୍ତରଖାନାରେ ପହଞ୍ଚିବା ସମ୍ଭବ ହେଲାନାହିଁ । ଗେହଲୋର ପାହାଡ଼ ମଝିରେ ରହିଥିବା ରାସ୍ତା ଯେଉଁଥିପାଇଁ ଘୁରି ଘୁରି ପନ୍ଦର କିଲୋମିଟର ରାସ୍ତା ବଦଳରେ ପଂଚାବନ କିଲୋମିଟର ରାସ୍ତା ଯିବାକୁ ପଡୁଥିଲା । ଏହି କାରଣରୁ ପ୍ରାଣ ହରେଇଲେ ଦଶରଥଙ୍କ ପତ୍ନୀ । ରାଗ ଅଭିମାନରେ ଗୋଟିଏ ହାତୁଡ଼ି ଓ ନିହାଣ ସାହାଯ୍ୟରେ ଦଶରଥ ପାହାଡ଼କୁ ଛାତି ଚିରିବା ଆରମ୍ଭ କଲେ । ତାଙ୍କର ଏକାମା ଦେଖି ଲୋକମାନେ ତାଙ୍କି ଟାପରା କଲେ । ପାଗଳ ବୋଲି କହିଲେ । ସେ କିନ୍ତୁ ଥିଲେ ଅବିଚଳିତ । ଦିନ ପରେ ଦିନ ଗଡି ଚାଲିଲା । ବାଇଶି ବର୍ଷର ଅକ୍ଳାନ୍ତ ଚେଷ୍ଟା ଓ ପରିଶ୍ରମ ଶେଷରେ ଫଳବତୀ ହେଲା । ୩୬୦ ଫୁଟ ଲମ୍ବ ଓ ଖାଖାପାଖି ୩୦ ଫୁଟ ଚଉଡାର ରାସ୍ତା ଖୋଲିଗଲା ଗେହଲୋର ପାହାଡ଼ର ଛାତି ଚିରି ଯାହା ଗୟା ଜିଲ୍ଲାର ଓ୍ୱଜିରଗଂଜ ଓ ଅତ୍ରି ବ୍ଲକ୍ ଭିତରେ ଦୁରତାରକୁ ୫୫ କିଲୋମିଟର ରୁ ମାତ୍ର ୧୫ କିଲୋମିଟର କରିଦେଲା । ପାହାଡ଼ ଫାଲଗୁନି ଦେବୀଙ୍କୁ ସୁରା ଅବସ୍ଥାରେ ଦଶରଥ ମାଂଝିଙ୍କ ପାଖରୁ ଛଡ଼େଇ ନେଲା ସତ, କିନ୍ତୁ ଦଶରଥଙ୍କ ମନରେ ସୃଷ୍ଟି କଲା ଏକ ଭିନ୍ନ ଚେତନାର ସ୍ୱର । ତୁଳାଇ ଦେଲା କ୍ରୋଧ ଉଭୟ ସକାରାତ୍ମକ ଓ ନକାରାତ୍ମକ ଶକ୍ତି । ନକାରାତ୍ମକ ଭାବରେ କ୍ରୋଧକୁ ବ୍ୟବହାର କଲେ ବିପଦ ଆସିବା ନିଶ୍ଚିତ । କିନ୍ତୁ କ୍ରୋଧରୁ ଉତ୍ପନ୍ନ ଶକ୍ତିକୁ ଯଦି ଠିକ୍ ରେ ସକାରାତ୍ମକ ଭାବରେ କେଉଁଠି ବ୍ୟବହାର କରିବ , ତାହେଲେ ନିଜର ତଥା ସମାଜର ମଙ୍ଗଳ ହେବ । ପତ୍ନୀଙ୍କୁ ହରେଇବା ପରେ ଦଶରଥ ଫାଡିଦେଲେ ପାହାଡ଼ର ଛାତି, ଗଢ଼ିଗଲେ ନୂଆ ଇତିହାସ, ଅସମ୍ଭବକୁ କଲେ ସମ୍ଭବ ଓ କୋଟି କୋଟି ଲୋକଙ୍କ ପାଇଁ ପାଲଟି ଗଲେ ଜଣେ ଆଦର୍ଶ ମଣିଷ । ମାଉଣ୍ଟେନ ମ୍ୟାନ ତିଆରି କରିଥିବା ରାସ୍ତାକୁ ଲୋକେ ଏବେ ମାଉଣ୍ଟେନ ଅଫ୍ ଲଭ୍ ର ଆଖ୍ୟା ଦେଉଛନ୍ତି । ଯୁଗଯୁଗ ସେହି ପାହାଡ଼ ଚିରା ରାସ୍ତାରେ ସେଲ୍ଫି ଉଠଉଛନ୍ତି । ଧନ୍ୟ ଏହି ମହାନ ମଣିଷ ଦଶରଥ ମାଂଝି । ମଣିଷର ଦୃଢ଼ ଇଚ୍ଛାଶକ୍ତି ଆଗରେ କିଛି ବି ଅସମ୍ଭବ ନୁହେଁ । ଏହି ଆବଶ୍ୟକତା ଓ ଇଚ୍ଛାଶକ୍ତି ପାଇଁ ତ ମଣିଷ ଆଜି ପକ୍ଷୀ ପରି ଆକାଶରେ ଉଡୁଛି ଆଉ ମାଛ ପରି ଅଥଳ ସାଗରରେ ପହଁରୁଛି । ସମୟ ଓ କୋଟି ହୃଦୟରେ ସବୁଦିନେ ଜିଇଁବେ ପୁଣ୍ୟମା ଦଶରଥ ମାଂଝି ତାଙ୍କର ମହାନ କର୍ମ ପାଇଁ । ମାତ୍ର ବାରବର୍ଷ ବୟସରେ ଦେଶପ୍ରେମୀ ବାଜି ରାଉତ ଦେଶପାଇଁ ଜୀବନ ଦେଇ ପାଲଟିଗଲେ ଭାରତର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ । ଛବିଶି ବର୍ଷର ସ୍ୱଳ୍ପ ଜୀବନ ଜିଇଁଥିବା ଇଂରାଜୀ ସାହିତ୍ୟର ରୋମାଣ୍ଟିକ ଯୁଗର ଅନ୍ୟତମ କବି ଜନ୍ କିଟ୍ସ କିଏ ବା ନଜାଣେ । ଅବଧିର ପୁଳା ଦୁଃଖ ଭରା ଜୀବନ ଜିଇଁଲେ, କିନ୍ତୁ ତାଙ୍କର ଅନବଦ୍ୟ ସୃଷ୍ଟି ପାଇଁ ରହିଲେ ଅମର ସବୁଦିନ ପାଇଁ । ଆଧ୍ୟାତ୍ମିକ ଜଗତର ମହାନ ସନ୍ଥ, ପରମହଂସ ଶ୍ରୀ ରାମକୃଷ୍ଣଙ୍କ ପରମ ଶିଷ୍ୟ, ସ୍ୱାମୀଜୀ ବିବେକାନନ୍ଦ ଧରା ଧାମରେ ରହିଲେ ମାତ୍ର ୩୯ ବର୍ଷ । କିନ୍ତୁ ଏ ପବିତ୍ର ଦେଶ ଓ ବିଶ୍ୱ ପାଇଁ ଛାଡ଼ିଗଲେ ଏହି କାଳଜୟୀ କର୍ମ । ମହାପୁରୁଷଙ୍କୁ । ଏମିତି ଉଦାହରଣ ବିଶ୍ୱ ଇତିହାସରେ ଅନେକ । ପଇଁ ଅର୍ଥର୍ ପରିକା ଦାରିଦ୍ର୍ୟରେ ଜିଇଁବା ଅପେକ୍ଷା ଅଳ୍ପ ଦିନର ସଫଳତା ଭରା ଜାଜ୍ୱଲ୍ୟମାନ ଜୀବନ ଢେର୍ ଭଲ । ଜନ୍ମ ନେଇଛନ୍ତୁ ମାନେ ମରିବା ତ ନିଶ୍ଚିତ । ଭାରତମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭାଷାରେ,

'ମଣିଷ ଜୀବନ ନୁହଁଇ କେବଳ,
ବର୍ଷ ମାସ ଦିନ ଦଣ୍ଡ,
କର୍ମେ ଯିଏ ନର କର୍ମ ଏକା ତା'ର
ଜୀବନର ମାନଦଣ୍ଡ ।' ତେଣୁ

ଯେତେଦିନ ବଂଚ୍ଚିବା, ଧକେଇ ଧକେଇ ଶବର ଜୀବନ କାହିଁକି ଜିଇଁବା । ଆମ ଦ୍ୱାରା ଯେତିକି ସମ୍ଭବ, ଯେତିକି ପାରିବା, ମହତତାଣିଆର ସୁଗନ୍ଧରେ ଆଖପାଖକୁ ସୁଗନ୍ଧିତ କରିଦେବା । ଗଲାବେଳେ କିଛି ଯିବନି ଆମ ସହିତ, କେବଳ ଯିବ ଆମର କର୍ମ । ଆମ ଧର୍ମ ବିଶ୍ୱାସ କରେ ପୂର୍ବ ଜନ୍ମ, ଏହି ଜନ୍ମ ଓ ପରବର୍ତ୍ତୀ ଜନ୍ମ ଉପରେ । 'ଅନେକ ଜନ୍ମ ତପଃ ବଳେ, ମଣିଷ ଜନ୍ମ ମହୀ ତଳେ' ପ୍ରମାଣ କରୁଛି ପୂର୍ବର ଅନେକ ଦୁଃଖ ଯନ୍ତ୍ରଣାଦାୟକ ବେଦନାଶିକ୍ତ ଜୀବନ ପରେ ଈଶ୍ୱର ଆମକୁ ମଣିଷ କରି ପଠେଇଛନ୍ତି ପୃଥ୍ୱୀକୁ । ତେଣୁ ଏହି ଜନ୍ମରେ ଆମେ ଯଦି ଭଲକାମ କରିବା, ପରବର୍ତ୍ତୀ ଜୀବନରେ ନିଶ୍ଚିତ ବିକ୍ଷୁପ୍ତ ଲାଭ କରିବା । ଆମେ ପାଇଥିବା ଏହି ଅମୂଲ୍ୟ ଜୀବନର ଅବଧି ଭିତରେ ସ୍ୱାର୍ଥପର ସୁବିଧାବାଦୀ ଶାଗୁଣା ହେବା ନା ଈଶ୍ୱରଙ୍କ ଅମୃତ ସନ୍ତାନ ଭାବରେ ସୁକର୍ମ କରି ବିଶ୍ୱ ନିୟନ୍ତାଙ୍କ ଆଶିଷ ପାଇଁ ଆଉ କେଇପାଦ ଆଗେଇବା, ତାହା ନିର୍ଭର କରୁଛି ଆମ ଉପରେ । ବିଶାଳ ହୃଦୟ ଓ ନୀତି ଆଦର୍ଶର ଜୀବନ ବଞ୍ଚିବା, ମଣିଷ ନା ପତଙ୍ଗ ଜୀବନ ନିଆଁରେ ଝାସଦେବା, ଆଶିର୍ବାଦ ନେଇ ମର୍ତ୍ତ୍ୟଲୋକରୁ ବିଦାୟ ନେବା ନା ସମସ୍ତଙ୍କ ଅଭିଶାପ ମୁଣ୍ଡରେ ମୁଣ୍ଡେଇ ମାଟିରେ ମିଶିବା , ତାହା ନିର୍ଭର କରେ ଆମ ଚିନ୍ତା ଚେତନା ଓ ଚରିତ୍ର ଉପରେ ।

ବାସୁଦେବପୁର,ଭଦ୍ରକ
ଦୂରଭାଷ ୯୪୩୭୩୨୦୩୫୦

# ଆଇପିଏଲ ଟି୨୦, ୨୦୨୪

ଆଇପିଏଲ୍ ହେଉଛି ଭାରତର ଏକ ଘରୋଇ କ୍ରିକେଟ୍ ଫର୍ମାଟ୍ ଖେଳ । ପ୍ରତି ବର୍ଷ ଆମ ଦେଶ ରେ ଆଇପିଏଲ ଖେଳା ଯାଇଥାଏ । ଆଇପିଏଲ କ୍ରିକେଟ ଖେଳାଳିଙ୍କ ପାଇଁ ଉତ୍ସାହ ଦାୟକ ଖେଳ । ବିଭିନ୍ନ ଦେଶ ତଥା ରାଜ୍ୟରୁ କ୍ରିକେଟ ଖେଳାଳିମାନେ ଆଇପିଏଲ୍ ଟି -୨୦ ଖେଳ ଖେଳିବାର ସୁଯୋଗ ପାଆନ୍ତି । ଆଇପିଏଲ୍ (ବିସିସିଆଇ) ଦ୍ୱାରା ପ୍ରାୟୋଜିତ ହୋଇଥାଏ । ଏହି ବର୍ଷ ର ଆଇପିଏଲ ଖେଳ ହେଉଛି ୧୭ ତମ ସଂସ୍କରଣ, ମାର୍ଚ୍ଚ ୨୩ ତାରିଖରୁ ଆଇପିଏଲ ଖେଳ ଆରମ୍ଭ ହେବାକୁ ଯାଉଛି । ଚେନ୍ନାଇର ସୁପର କିଙ୍ଗସ୍ ବନାମ ରୋୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ପ୍ରଥମ ଆଇପିଏଲ୍ ମ୍ୟାଚ୍ ଖେଳାଯିବ । ଚେନ୍ନାଇ ସୁପର କିଙ୍ଗସ୍ ର ରୋୟାଲ ଚ୍ୟାଲେଞ୍ଜର୍ସ ଉପରେ ଦବଦବା ରହିଛି କାରଣ ଚେନ୍ନାଇ କ୍ରିକେଟ୍ ଗ୍ରାଉଣ୍ଡରେ ଚେନ୍ନାଇ ସୁପର କିଙ୍ଗସ୍ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜରସ ବେଙ୍ଗଲୋର ଆଜି ଯାଏଁ କ୍ରିକେଟ୍ ମ୍ୟାଚ୍ ଜିତି ନାହିଁ ଆଇପିଏଲର ଅନ୍ତିମ ଖେଳ, ୭ ଏପ୍ରିଲରେ ଖେଳାଯିବ । ଭାରତ ର ଭିର୍ଣ୍ଣ ଭିର୍ଣ୍ଣ ଷ୍ଟେଡିୟମ ରେ ଏହି ଖେଳ ଖେଳାଯିବ । ଏହି ସମସ୍ତ ଷ୍ଟେଡିୟମ ଗୁଡି କୁ ପୂର୍ବ ରୁ ପ୍ରସ୍ତୁତ କରାଯାଇଛି । ସେହି ଗୁଡିକ ହେଲେ ଚେନ୍ନାଇ ଏମ ଚିଦାମ୍ବରମ୍ ଷ୍ଟାଡିୟମ୍, ଚଣ୍ଡିଗଡ଼ ମହାରାଜା ଯାଦବନ୍ଦ୍ର ସିଂ ଆନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍, ମଲାନପୁର, କୋଲକାତା ଇଡେନ୍ ଗାର୍ଡେନ ଷ୍ଟାଡିୟମ୍, ଜୟପୁର ସାୱାଇ ମାନସିଂହ ଷ୍ଟାଡିୟମ୍, ଅହମ୍ମଦାବାଦ ଶ୍ରୀ ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍, ବାଙ୍ଗାଲୋର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍, ଲକ୍ଷ୍ନୌ ଭାରତ ରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକାନା କ୍ରିକେଟ୍ ଷ୍ଟାଡିୟମ୍, ବିଶାଖାପାଟନମ୍, ଡ଼ାୱାଏସ ରାଜ ଶେଖର ରେଡ୍ଡୀ ଭଇଭି-ଏଭଇଆନ୍ତର୍ଜାତୀୟ କ୍ରିକେଟ ଷ୍ଟେଡିୟମ । ଅନଲାଇନ ରେ ଆଇପିଏଲ୍ ଟିକେଟ୍ ମଧ୍ୟ ବିକ୍ରି ହେଉଛି । ଏହି ବର୍ଷ ଆମେ ଅନେକ ଆଇପିଏଲ୍ ଖେଳାଳିଙ୍କୁ ଭାରତୀୟ ଜାତୀୟ କ୍ରିକେଟ ଦଳରେ ସୁଯୋଗ ପାଉଥିବାର ଦେଖିଛୁ । ଯେଉଁ ଖେଳାଳିମାନେ ଆଇପିଏଲ୍ ଟୁର୍ନାମେଣ୍ଟରେ ସୁଯୋଗ ପାଆନ୍ତି ସେମାନେ ବିପୁଳ ପରିମାଣର ଟଙ୍କା ମିଳିଥାଏ । ଆଇପିଏଲ୍ କ୍ରିକେଟ୍ ଖେଳରେ ଆମେ ଦେଖିଛୁ ଯେ ବିଭିନ୍ନ ରାଜ୍ୟ ତଥା ବିଭିନ୍ନ ଦେଶରୁ ବହୁ ସଂଖ୍ୟକ ଲୋକ ଆଇପିଏଲ୍ କ୍ରିକେଟ୍ ଖେଳ ଦେଖିବା ପାଇଁ ଏବଂ ସେମାନଙ୍କ ପ୍ରିୟ ଦଳକୁ ଉତ୍ସାହିତ କରିବା ପାଇଁ ଆସିଥାନ୍ତି । ଦଳର ବିଜୟ ପାଇଁ ପ୍ରାର୍ଥନା ମଧ୍ୟ କରିଥାନ୍ତି । ବିଭିନ୍ନ ଦେଶରୁ ଆସିଥିବା ଚ୍ଚିଏର



କାଳୀ ଦାସ

ଗାର୍ଲ୍ସ ମାନେ ଆସି ଷ୍ଟେଡିୟମ ରେ ନୃତ୍ୟ ପରିବେଷଣ କରନ୍ତି । ଯେତେବେଳେ ଚୌକା ବା ଛକା ବାଜେ ସେତେବେଳେ ଖେଳାଳିଙ୍କୁ ଉତ୍ସାହିତ କରିବାପାଇଁ ସେମାନେ ନାଚନ୍ତି । ଆଇପିଏଲ୍ କ୍ରିକେଟ୍ ରେ ଦୁଇଟି ବ୍ରେକ୍ ଥାଏ । ଗୋଟିଏ ହେଉଛି ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ୍ ଏବଂ ଅନ୍ୟଟି ହେଉଛି ମ୍ୟାକ୍ସ ଷ୍ଟ୍ରାଟେଜିକ୍ ଟାଇମ୍ ଆଉଟ୍ । ବେଳେବେଳେ ୮ ଓଭର ଖେଳିବା ପରେ ଷ୍ଟ୍ରାଟେଜିକ୍ ଟାଇମ ଆଉଟ ସମୟ ଆରମ୍ଭ ହୁଏ । ଆଇପିଏଲ୍ ଖେଳ କୁ ଦର୍ଶକମାନେ ଭଲ ପାଇଥାନ୍ତି । ବିଜଇ ଦଳର ଅଧିନାୟକ ମ୍ୟାଚ୍ ପରେ ଜଣେ ସେଲିବ୍ରେଟି ହୋଇଯାନ୍ତି । ଆଇପିଏଲ୍ ଗେମ ରେ ସର୍ବାଧିକ ୱିକେଟ୍ ପାଇଥିବା ଖେଳାଳୀଙ୍କୁ ବାଇଗଣୀ ରଙ୍ଗର କ୍ୟାପ୍ ଦିଆଯାଇଥାଏ, ଯେଉଁ ଖେଳାଳି ସର୍ବାଧିକ ରନ୍ ସ୍କୋର କରନ୍ତି ତାଙ୍କୁ କମଳା ରଙ୍ଗ ର କେପ ଦିଆଯାଇଥାଏ ପ୍ଲେୟାର ଯିଏ ସର୍ବୋତ୍ତମ କ୍ୟାଚ୍ ନେଇଥାଏ ସେ କାର୍ବନ କମାଲ କ୍ୟାଚ୍ ନଗଦ ପୁରସ୍କାର ପାଇଥାଏ । ଏହି ଆଇପିଏଲ୍ ର ୧୭ ତମ ସଂସ୍କରଣରେ ୧୦ ଟି ମହଙ୍ଗା ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ଦ୍ୱାରା କ୍ରୟ କରାଯାଇଛି । ସେହି ଖେଳାଳିମାନେ ହେଉଛନ୍ତି ମିଚ୍ଲି ଷ୍ଟାର୍କ, ଅଷ୍ଟ୍ରେଲୀୟ ବୋଲରଙ୍କୁ କୋଲକାତା ନାଇଟ ରାଇଡରସ ୨୪.୭୫ କୋଟି ଟଙ୍କା ରେ କ୍ରୟ କରିଛନ୍ତି । ମିଚ୍ଲିଲ ଷ୍ଟାର୍କ ୨୦୨୩ ଆଇସିସି ବିଶ୍ୱକପ୍ ର ହିରୋ ଥିଲେ । ପ୍ୟାଟ୍ କମିନ୍ସଙ୍କୁ ସନରାଇଜର୍ସ ହାଇଦ୍ରାବାଦ ୨୦.୫୦ କୋଟିରେ କିଣିଛି । ପେଟ କମିନ୍ସ ଅଷ୍ଟ୍ରେଲୀଆ କ୍ରିକେଟ୍ ଦଳର ଅଧିନାୟକ ଥିଲେ । ପେଟ୍ କମିନ୍ସଙ୍କ ଅଧିନାୟକତ୍ୱରେ ଅଷ୍ଟ୍ରେଲିଆ ସପ୍ତମ ବିଶ୍ୱକପ୍ ଟାଇଟଲ୍ ଜିତିଥିଲା, ଡାରେଲ୍ ମିଚେଲ୍ କିୱି ବ୍ୟାଟ୍ସମ୍ୟାନଙ୍କୁ ଚେନ୍ନେଇ ସୁପର କିଂସ ୧୪ କୋଟିରେ କିଣିଛି, ହର୍ଷଲ ପଟେଲଙ୍କୁ କିଙ୍ଗସ ଘ୧ ପଞ୍ଜାବ ୧୧.୭୫ କୋଟିରେ କିଣିଛି , ଅଲଜାରୀ ଜୋସେଫଙ୍କୁ ରୟାଲ ଚ୍ୟାଲେଞ୍ଜରସ ବାଙ୍ଗାଲୋର ୧୧.୫ କୋଟି ଟଙ୍କା ରେ କିଣିଛି । ସ୍ପେନ୍ସର୍ ଜୋନ୍ସେନଙ୍କୁ ଗୁଜୁରାଟ ଟାଇଟେନ୍ସ ୧୦କୋଟି ଟଙ୍କା ରେ କିଣିଛି , ସମୀର ରିଜ୍‌ଭୀ ଙ୍କୁ ଚେନ୍ନାଇ ସୁପର କିଙ୍ଗ ୮.୪ କୋଟିରେ ଟଙ୍କା ରେ କିଣିଛି । ରାଲେ ରୋସୋଙ୍କୁ କିଙ୍ଗ୍ସ ଢ଼୧ ପଞ୍ଜାବ ୮ କୋଟି ଟଙ୍କାରେ କିଣିଛି । ଚେନ୍ନାଇ ସୁପର କିଙ୍ଗ୍ସ ପାଞ୍ଚଟି ଆଇପିଏଲ୍ ଟାଇଟଲ୍, ମୁମ୍ବାଇ ଇଣ୍ଡିଆନ୍ସ ପାଞ୍ଚଟି ଆଇପିଏଲ୍ ଟାଇଟଲ ଜିତିଲାବେଳେ କୋଲକାତା ନାଇଟରାଇଡର୍ସ କେବଳ ଗୋଟିଏ ଆଇପିଏଲ୍ ଟାଇଟଲ୍ ଜିତିଛି , ସନରାଇଜର୍ସ ହାଇଦ୍ରାବାଦ କେବଳ ଗୋଟିଏ ଆଇପିଏଲ୍ ଟାଇଟଲ୍ ଜିତିଛି । ରାଜସ୍ଥାନ ରୋୟାଲ୍ସ ପ୍ରଥମ ସଂସ୍କରଣ ର ଆଇପିଏଲ୍ ଟାଇଟଲ୍ ଜିତିଛି, ଡେକାନ୍ ଚ୍ଚାର୍ଜର୍ସ କେବଳ ଗୋଟିଏ ଆଇପିଏଲ୍ ଟାଇଟଲ୍ ଜିତିଛି । ରୋୟାଲ ଚ୍ୟାଲେଞ୍ଜରସ ପାଞ୍ଚ ଥର ଆଇପିଏଲ୍ ରନର୍ସଅପ ହୋଇଛି । ଚେନ୍ନାଇ ସୁପର କିଙ୍ଗ ଆଇପିଏଲ ଖେଳ ର ଡିଫେଣ୍ଡିଂ ଚ୍ଚାମ୍ପିୟନ ।୨୦୨୪ ର ଆଇପିଏଲ ଖେଳ ସମସ୍ତ ଟିମ ପାଇଁ ବଡ ଚ୍ୟାଲେଞ୍ଜ ରହିବ ଦେଖିବା କେଉଁ ଦଳ ଏହି ବର୍ଷ ର ଆଇପିଏଲ ଖେଳ ଜିତିବ ।

ବ୍ରହ୍ମପୁର,
ଖୋଡାସିଙ୍ଗ କଳିଙ୍ଗନଗର ,
ପିନ୍ -୭୬୦୦୧୦
ଫୋନ୍ ନମ୍ବର – ୭୨୦୫୧୦୦୮୩୯

# ଜଗନ୍ନାଥଙ୍କ ସହ ଦିନଟିଏ

ପଦ୍ମପାଦ ମୋର ଗୋଟିଏ ଅବୋଧ ଶିଶୁ ଥିଲା । ସେ ମୋ ସହିତ ଜୁଆଡ଼େ ବୁଲିଗଲେ ଭାରି ଖୁସି ହୁଏ । ତାର ଅସୁମାରି ପ୍ରଶ୍ନର ଉତ୍ତର ଦେବା ପାଇଁ ସେ ମୋ ଉପରେ ନିର୍ଭର କରୁଥିଲା । ମୁଁ ମଧ୍ୟ ତାର କୌତୁହଳ ଜିଜ୍ଞାସାଭାବକୁ କେବେ ଅବଜ୍ଞା କରୁନଥିଲି । ଥରେ ମୁଁ ଓ ପଦ୍ମପାଦ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ପୁରୀ ଗଲୁ । ସେ ଲୋକମାନେ ପ୍ରାର୍ଥନା କରୁଥିବା ଦେଖି ଅଭିଭୁତ ହୋଇ ପଡୁଥିଲା । ସେ ମୋତେ କହିଲା ମା ପ୍ରାର୍ଥନା କ'ଣ ଜଗନ୍ନାଥଙ୍କ ନିକଟରେ ଜଣେ ଭକ୍ତକୁ 'ଦୀନ ଆବେଦନକାରୀ' କରିଦିଏ ? ପଦ୍ମପାଦ ଦେଖିଲା ମନ୍ଦିର ଭିତରେ କିଛି କିଛି ଲୋକ ଆଖିବୁଜି ଧ୍ୟାନ କରୁଛନ୍ତି । ସେ ମତେ ପଚାରିଲା 'ଧ୍ୟାନ କ'ଣ ଜଗନ୍ନାଥଙ୍କୁ ଆମ ନିକଟକୁ ଟାଣି ଆଣି ତାଙ୍କ ସ୍ତରକୁ ଉନ୍ନିତ କରିବାକୁ ପ୍ରବର୍ତ୍ତାଏ । ଧ୍ୟାନ ଦ୍ୱାରା ଜଗନ୍ନାଥ କ'ଣ ଭକ୍ତଙ୍କ ସହ ଏକତ୍ରିତ ହୁଅନ୍ତି ।

ମୁଁ ଉତ୍ତରରେ ପଦ୍ମପାଦକୁ ବୁଝାଇ କହିଥିଲି ଆମର ସମସ୍ତ ଆବେଦନ ଜଗନ୍ନାଥଙ୍କ ପାଦପଦ୍ମେ କରିବା ଉଚିତ । ସେ ଜାଣନ୍ତି ଆମ ପାଇଁ କଣ ଉଚିତ ବା ଅନୁଚିତ ସେହି ଅନୁଯାୟୀ ଆମର ଆବେଦନ ଗୁଡ଼ିକୁ ପରଖି ପ୍ରେମର ସହିତ ତାହା ପ୍ରଦାନ କରିଥାନ୍ତି । ପଦ୍ମପାଦ କହିଲା ଆମ ଘରେ କାନ୍ଥରେ ଜଗନ୍ନାଥଙ୍କ ଫଟୋ ଟଙ୍ଗା ଯାଇଛି ।



ଅନୀତା ପଟ୍ଟନାୟକ

ମୋର ଅନେକ ସାଙ୍ଗଙ୍କ ଘରେ ମଧ୍ୟ ମୁଁ ଜଗନ୍ନାଥଙ୍କ ଫଟୋ ଟଙ୍ଗା ଯାଇଥିବା ଦେଖିଛି । ଜଗନ୍ନାଥଙ୍କ ଫଟୋକୁ କାହିଁକି ଟଙ୍ଗାହୁଏ । ମୁଁ ତାକୁ କହିଲି ତୁମେ ଧ୍ୟାନ କଲେ ଜଗନ୍ନାଥ ତୁମ ନିକଟକୁ ଟାଣି ହୋଇ ଆସିବେ । ଗୋଟିଏ ଛାପାଖାନାରେ କାଗଜ ଉପରେ ଛପାଯାଇଥିବା ଛବିଟିକୁ ଯେମିତି କାଗଜରୁ ଅଲଗା କରିହୁଏ ନାହିଁ ସେହିପରି ଜଗନ୍ନାଥଙ୍କ ଛବିଟି ତୋ ହୃଦୟରେ ଆଙ୍କି ହୋଇଗଲେ ତାକୁ ହୃଦୟରୁ ଅଲଗା କରି ହେବନାହିଁ । ମୁଁ ଭାବୁଛି ବୋଧହୁଏ ଏହି ଉଦ୍ଦେଶ୍ୟ ରଖି ଭକ୍ତମାନେ ଜଗନ୍ନାଥଙ୍କ ଛବିକୁ ନିଜ ନିଜ ଘରେ ଟାଙ୍ଗି ଥାନ୍ତି ।

ପଦ୍ମପାଦ ପଚାରିଲା ଜଗନ୍ନାଥଙ୍କର ବାର ମାସରେ ତେର ଯାତ୍ରା କାହିଁକି ? ଏତେ ପର୍ବପର୍ବାଣୀ ଏତେ ଶୁଭଦିନ ଏତେ ଓଷାବ୍ରତ, ରୀତିନୀତି, ରଥଯାତ୍ରା କାହିଁକି କରାଯାଏ ? ମୁଁ କହିଲି ତୋର ଭଉଣୀ ଶୁଭଶ୍ରୀର ବାହାଘର ବେଳେ ନିମନ୍ତ୍ରଣ ପଠାଯାଇଥିଲା । ବାଜା ବଜାଯାଇଥିଲା ସୁନ୍ଦର ସଜା ଯାଇଥିଲା । ଅତିଥି ମାନଙ୍କୁ ଭୋଜନ ଦିଆଯାଇଥିଲା । ଏସବୁ କରାଯାଇଥିଲା କାରଣ ବରକନ୍ୟାଙ୍କ ବିବାହରେ ବହୁ ସାକ୍ଷୀ ସଂଗ୍ରହ କରାଯାଇଥାଏ । ସେହିପରି ପର୍ବପର୍ବାଣୀ ପ୍ରଭୃତି ଆତ୍ମା ସହ ପରମାତ୍ମାଙ୍କର ଏକ ବିବାହ ଉତ୍ସବ ସଦୃଶ ଯେଉଁଥିରେ କି ତାଙ୍କର ଆଶୀର୍ବାଦ ଲାଭ କରିବା ସମ୍ଭବ ହୋଇଥାଏ । ଉତ୍ସବ ଗୁଡ଼ିକର ମୂଳନୀତି ଅତି ସରଳ । ଏଥିରେ ଆତ୍ମା ଜାଣିବ ସେ ହିଁ ପରମାତ୍ମା ମାୟାଧୀନ ହୋଇ ଭକ୍ତ ଭାବେ ସେ ଭଗବାନଙ୍କ ଠାରୁ ଅଲଗା କିନ୍ତୁ ପ୍ରକୃତରେ ସବୁ ଏକ ତାହା ହିଁ ସମ + ଧି ଅବସ୍ଥା । ବା ସବୁ ସମାନ । ଏହା ଚେତନାର ସମଦୃଷ୍ଟି ।

ତୁମେ ଆମ ଘର କାନ୍ଥରେ ଟଙ୍ଗା ହୋଇଥିବା ଜଗନ୍ନାଥଙ୍କ ଫଟୋ ନିକଟରେ ସବୁବେଳେ ପ୍ରାର୍ଥନା କରୁଛ ଯେ ଜଗନ୍ନାଥ ତୁମ ଦୁଃଖ ଜାଣୁ ନାହାଁନ୍ତି, କିନ୍ତୁ ତୁମେ କେବେ ଫଟୋ ନିକଟରେ ପ୍ରାର୍ଥନା କରିଛ କି ତୁମେ କରୁଥିବା ଭୁଲ ଗୁଡ଼ିକ ସେ କାହିଁକି ଜାଣୁ ନାହାଁନ୍ତି ? ସେ ଗୁଡ଼ିକ ତାଙ୍କ ପାଖରେ କାହିଁକି ଲୁଚାଇବାକୁ ଚାହିଁ ଥାଅ । ଜଗନ୍ନାଥଙ୍କ ଫଟୋ କାନ୍ଥରେ ସଜାଯାଇ ଯଦି ଫଟୋରେ ଉଇ ଧରିଯାଏ ତାହା ଯେପରି ଧୀରେ ଧୀରେ ଭାଙ୍ଗି ଖସିପଡ଼େ ସେହିପରି ତୁମେ କରୁଥିବା ଭୁଲ ଗୁଡ଼ିକୁ ଯଦି ଫଟୋ ପାଖରେ ଲୁଚାଇବାକୁ ଚେଷ୍ଟା କର, ତେବେ ଜଗନ୍ନାଥ ତୁମକୁ ଆଶୀର୍ବାଦ କରିପାରିବେ ନାହିଁ । ତେଣୁ ଭିତରକୁ ଟାଣ କରିବା ଦରକାର । ବାହାରର ଚାକଚକ୍ୟ ଦରକାର ନାହିଁ ।

ପଦ୍ମପାଦ ପଚାରିଲା ଯଦି ଜଗନ୍ନାଥ ପରମାତ୍ମା ଓ ଆମେ ଆତ୍ମା ଆମେ ଏହା ବୁଝି ପାରୁନୁ କାହିଁକି ? ମୁଁ ତାକୁ କହିଲି ଯେଉଁ ଦିନ ତୁ ବାପାଙ୍କ ସହ ନନ୍ଦନକାନନ ବୁଲି ଯାଇଥିଲୁ ବାପା କହିଥିଲେ ସେ ଦିନ ତୁ ବନ୍ୟଜନ୍ତୁ ସଂରକ୍ଷିତ ଅରଣ୍ୟ ଭିତରକୁ ଯାଇ ହାତୀ ପିଠିରେ ବସି କୁଆଡ଼େ ହାତୀ ଖୋଜୁଥିଲୁ । ସେହିପରି ପଥଭ୍ରଷ୍ଟ ମନୁଷ୍ୟ ନିଜେ ଭଗବାନ ହୋଇ ଭଗବାନଙ୍କ ଚିତ୍ରକୁ ନିଜ ହୃଦୟରେ ନ ଆଙ୍କି ଚାରିଆଡ଼େ ଭଗବାନଙ୍କୁ ଖୋଜିବୁଲେ । ଆଜି ଏକ ସୁନ୍ଦର ଦିନ ମଙ୍ଗଳବାର । ପଦ୍ମପାଦ ପଚାରିଲା ଏ ଦିବସର ନାମ ଏପରି କାହିଁକି ରଖାଯାଇଛି ମୁଁ କହିଲି କାରଣ ଏହି ଦିନ ହନୁମାନ ସୀତାଙ୍କୁ ଭେଟି ତାଙ୍କୁ ଉଦ୍ଧାର କରିବାକୁ ରାମ ଆସୁଛନ୍ତି ବୋଲି ଏହି ମଙ୍ଗଳ ସମ୍ବାଦ ଦେଇଥିଲେ । ଏଥିରେ ଖୁସି ହୋଇ ସୀତା କହିଥିଲେ ଆଜି ଠାରୁ ଏହି ଦିନକୁ ମଙ୍ଗଳବାର କୁହାଯିବ । ଆଜି ଦିନଟି ମଧ୍ୟ ସପ୍ତାହର ସେହି ଦିନ ଯେଉଁ ଦିନ ପ୍ରଚଣ୍ଡ ଦୁଷ୍ଟଶକ୍ତି ରାବଣ ରାମଙ୍କ ଦ୍ୱାରା ନିହତ ହୋଇଥିଲା । ଚାଲ ଆମେ ଦୁହେଁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିବା ସେ ଆମକୁ ଆଶୀର୍ବାଦ କରନ୍ତୁ । ଆମ ଉପରେ ତାଙ୍କର କୃପାଦୃଷ୍ଟି ରହୁ ଯେପରି ଆମେ ଆମ ଭିତରେ ଥିବା ଦୁଷ୍ଟଶକ୍ତିକୁ ପରାହତ କରି ଜଗନ୍ନାଥଙ୍କର ନିକଟତର ହେବା ।

ଅବସରପ୍ରାପ୍ତ ପ୍ରଧାପିକା,
ସିଡିଏ, କଟକ,
ଦୂରଭାଷ : ୯୬୯୨୯୮୦୦୨୬

# ଲୋକ ପ୍ରତିନିଧି ମାନଙ୍କ ପାଇଁ ବୈଧାନିକ ସୁରକ୍ଷା

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଏକ ଐତିହାସିକ ରାୟ ପ୍ରଦାନ କରି ବିଧାୟକ ଓ ସାଂସଦଙ୍କ ଭଳି ଲୋକପ୍ରତିନିଧି ମାନଙ୍କର ବୈଧାନିକ ସୁରକ୍ଷା ସମ୍ପର୍କରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଗଠିତ ସାମ୍ବିଧାନିକ ସମ୍ବିଧାନ ପୀଠ କହିଛନ୍ତି ଯେ ବିଧାୟକ ଓ ସାଂସଦମାନେ ଲାଞ୍ଚ ଗ୍ରହଣ କରି ସଦନରେ କାହା ସପକ୍ଷରେ ଭୋଟ ଦେଲେ ବା ମତ ରଖିଲେ ସେ କ୍ଷେତ୍ରରେ ସେମାନଙ୍କୁ ଆଇନଗତ ସୁରକ୍ଷା ମିଳିପାରିବ ନାହିଁ । କେବଳ ସେତିକିନୁହେଁ ସେମାନେ ଏହି କାର୍ଯ୍ୟରେ ଲିପ୍ତ ଥିଲେ ସେମାନଙ୍କ ବିରୁଦ୍ଧରେ ଲାଞ୍ଚ ଗ୍ରହଣ ଅଭିଯୋଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇପାରିବ । ଏଠାରେ ସୂଚନା ଥାଉକି ଏହି ରାୟର ଗୁରୁତ୍ୱ ଯଥେଷ୍ଟ ପ୍ରଭାବଶାଳୀ ଓ ଏହା ଆମ ଲୋକ ପ୍ରତିନିଧିଙ୍କ ଆଚରଣ ସହ ଆଇନଗତ ସୁରକ୍ଷାକୁ ଏଣିକି ପ୍ରଭାବିତ କରିବ । ଯାହାଦ୍ୱାରା ସେମାନଙ୍କର ନିରଙ୍କୁଶତା ଓ ଆଇନଗତ ସୁରକ୍ଷା ଢ଼ାଲର ଅବସାନ ଘଟିଛି । ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ ସଂସଦ ଓ ବିଧାନସଭାର କାର୍ଯ୍ୟ ସହିତ ସମ୍ପର୍କ ନଥିବା କୌଣସି ପ୍ରସଙ୍ଗରେ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କୁ ବିଶେଷାଧିକାର ବା ସୁରକ୍ଷା ଦିଆଗଲେ ସେମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଶ୍ରେଣୀ ସୃଷ୍ଟି ହେବ । ଏହା ଫଳରେ ଦେଶରେ ଆଇନକାନୁନ ସେମାନଙ୍କ ପ୍ରତି ଲାଗୁ ହେବନାହିଁ ଏବଂ ସେମାନେ ଆଇନକାନୁନର ପ୍ରୟୋଗ କ୍ଷେତ୍ରରେ ନିରଙ୍କୁଶ ରିହାତି ବା ଛାଡ଼ ପାଇବେ । ଏହାର ଅର୍ଥ ଦେଶର ଆଇନ ସମସ୍ତଙ୍କ ପାଇଁ ସମାନ ଏବଂ କେହି ଆଇନ ବହିର୍ଭୂତ କାର୍ଯ୍ୟ କଲେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ବାଧ୍ୟ । ସୁପ୍ରିମକୋର୍ଟ ଆହୁରି ସ୍ପଷ୍ଟ କରି ଦେଇଛନ୍ତି ଯେ ରାଜ୍ୟସଭା, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ଆଦିରେ ଯେଉଁ ସଂସଦୀୟ ବିଶେଷାଧିକାର ବା ପାର୍ଲାମେଣ୍ଟାରୀ ପ୍ରିଭିଲେଜ ରହିଛି, ତାହା ଏଣିକି ସାମ୍ବିଧାନିକ ବ୍ୟବସ୍ଥାର ଅଧୀନକୁ ଆସିବ ।ଏହି ମାମଲାରେ ସଂସଦୀ ବିଶେଷାଧିକାରର ସୁରକ୍ଷା ପାଇଁ ଦେଶର ବହୁ ନାମୀ ଦାମୀ ଆଇନଜ୍ଞ ସୁପ୍ରିମକୋର୍ଟରେ ଦୁଇଦିନ ଧରି ନିଜର ଯୁକ୍ତି ଉପସ୍ଥାପନ କରିଥିଲେ । ସମ୍ବିଧାନ ପୀଠ ଏସବୁ ଯୁକ୍ତି ଶୁଣିବା ପରେ ନିଜର ରାୟକୁ ସ୍ଥଗିତ ରଖିଥିଲେ ଏବଂ ଶେଷରେ ତାହା ସାର୍ବଜନୀନ ହୋଇଛି । ଏହି ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ଐତିହାସିକ ପୃଷ୍ଠଭୂମି ରହିଛି । ୧୯୯୮ରେ ପି.ଭି. ନରସିଂହରାଓ ବନାମ ସିବିଆଇ ମାମଲାରେ ସୁପ୍ରିମକୋର୍ଟର ପାଞ୍ଚଜଣିଆ ସମ୍ବିଧାନ ପୀଠ ସଂଖ୍ୟାଗରିଷ୍ଠ ରାୟରେ କହିଥିଲେ ଯେ ସାଂସଦ ଓ ବିଧାୟକମାନେ ସଂସଦରେ ନିଜର ଭାଷଣ, ଭୋଟଦାନ ଭଳି ପ୍ରସଙ୍ଗରେ ସୁରକ୍ଷାର ବିଶେଷାଧିକାର ପାଇବାକୁ ହକଦାର । ସମ୍ବିଧାନର ଧାରା ୧୦୫ (୨) ଓ ୧୯୪ (୨)ରେ ସେମାନଙ୍କୁ ଏହି ଅଧିକାର ଓ ସୁରକ୍ଷା

ପୁଷ୍ପମିତ୍ର ମହାପାତ୍ର

ପ୍ରଦାନ କରାଯାଇଛି । ତେଣୁ ସେମାନେ ସଦନରେ କ'ଣ କହିଲେ କାହାକୁ ଭୋଟ ଦେଲେ ସେ ପ୍ରସଙ୍ଗକୁ ନେଇ ସେମାନଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରାଯାଇ ପାରିବ ନାହିଁ । ସେତେବେଳେ ଏହି ପ୍ରସଙ୍ଗର ଅବସାନ ଘଟିଥିଲେ ମଧ୍ୟ ଅନୁରୂପ ଏକ ମାମଲା ୨୦୧୯ରେ ସୁପ୍ରିମକୋର୍ଟଙ୍କ ବିଚାର ପାଇଁ ଆସିଥିଲା । ତତ୍କାଳୀନ ପ୍ରଧାନ ବିଚାରପତି ରଞ୍ଜନ ଗୋଗେଇଙ୍କ ଅଧକ୍ଷତାରେ ଗଠିତ ପୀଠ ଜେଏମଏମ ଲାଞ୍ଚ ମାମଲାରେ ଛନ୍ଦି ହୋଇଥିବା ଦଳର ନେତା ଶିବୁ ସୋରେନଙ୍କ ବୋହୂ ସୀତା ସୋରେନଙ୍କ ପକ୍ଷରୁ ଦାଏର ହୋଇଥିବା ଏକ ମୋକଦ୍ଦମାର ଅନୁଧ୍ୟାନ କରିଥିଲେ । ଜଷ୍ଟିସ ଗୋଗେଇଙ୍କ ନେତୃତ୍ୱରେ ଗଠିତ ୫ଜଣିଆ ସମ୍ବିଧାନ ପୀଠ ଏହି ମାମଲାଟିକୁ ଗଭୀର ଭାବେପ ଅନୁଧ୍ୟାନ କରି କହିଥିଲେ ଯେ ଏହା ସାଧାରଣ ମାମଲା ନୁହେଁ । ଏହାର ସର୍ବସାଧାରଣ ଗୁରୁତ୍ୱ ଏବଂ ବୃହତ୍ତର ପ୍ରଭାବ ରହିଛି । ତେଣୁ ମାମଲାଟି ସମ୍ବିଧାନର ତର୍ଜମାର ନୂଆ ଅଧ୍ୟାୟ ଆରମ୍ଭ କରିଥିଲା ।୨୦୧୨ ରାଜ୍ୟସଭା ନିର୍ବାଚନରେ ଜେଏମଏମର ବିଧାୟିକା ସୀତା ସୋରେନ ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ । ଏହା ଏକ ପ୍ରସଙ୍ଗ ହେବାରୁ ସେ ସଫେଇ ଦେଇଥିଲେ ଯେ ସାଂସଦ ଓ ବିଧାୟକଙ୍କ ବିରୋଧରେ ସେମାନଙ୍କ ସଂସଦୀୟ କାର୍ଯ୍ୟ ପାଇଁ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାର ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା ରହିଛି । ତେଣୁ ତାଙ୍କ ବିରୋଧରେ ଏହି ଭୋଟ ଦାନ ମାମଲାରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବ ନାହିଁ । ଏଭଳି ଏକ ମାମଲାର ରାୟ ଭିତ୍ତିରେ ତାଙ୍କ ଶ୍ୱଶୁର ଶିବୁ ସୋରେନ ଜେଏମଏମ ଲାଞ୍ଚ ମାମଲାରୁ ମୁକ୍ତି ହୋଇଥିବାରୁ ତାଙ୍କ (ସୀତା) ବିରୋଧରେ ମଧ୍ୟ ସମାନ ନିୟମ ଲାଗୁ ହେଉ । ଝାଡ଼ଖଣ୍ଡ ହାଇକୋର୍ଟଙ୍କ ରାୟ ବିରୋଧରେ ସୀତା ସୋରେନ ୨୦୧୪ ଫେବୃଆରୀ ୧୭ରେ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ । ସର୍ବୋଚ୍ଚ ଅଦାଲତ କିନ୍ତୁ ହାଇକୋର୍ଟଙ୍କ ରାୟକୁ କାଏମ ରଖି ସୀତାଙ୍କୁ ଅପରାଧିକ ମାମଲାରୁ ମୁକ୍ତ କରିବାକୁ ଅନୁମତି ଦେଇନଥିଲେ ।ଏଠି ପ୍ରଶ୍ନ ହେଉଚି ସମ୍ବିଧାନରେ ବାସ୍ତବରେ ସାଂସଦ ଓ ବିଧାୟକଙ୍କୁ କି ପ୍ରକାର ଆଇନଗତ ସୁରକ୍ଷା ଦିଆଯାଇଛି ଓ ତାହାର ବାସ୍ତବ ସ୍ୱରୂପ କଣ ତାହାର ତର୍ଜମା । ସେହି ସର୍ବୋଚ୍ଚ ଅଦାଲତ ଗୋଟିଏ ପ୍ରସଙ୍ଗରେ ସଂସଦୀୟ ବିଶେଷାଧିକାରକୁ ସମ୍ବିଧାନ ସମ୍ମତ କହିବା ବେଳେ ଆଉ ଏକ ଘଟଣାରେ ପୂର୍ବ ରାୟର ସମୀକ୍ଷା କରିବାକୁ କହିଥିଲା । ଏବେ ଏକ ବୃହତ୍ତର ସମ୍ବିଧାନ ପୀଠ ସମ୍ପୂର୍ଣ୍ଣ ଭାବେ ନୂଆ ରାୟ ଦେଇ କହିଛନ୍ତି ଯେ ଲାଞ୍ଚ ନେଇ ସଂସଦରେ ଭାଷଣ ଦେବା ଏବଂ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ରାଜ୍ୟସଭା ନିର୍ବାଚନ ଭଳି ପ୍ରସଙ୍ଗରେ ଭୋଟ ଦେବା ଆଇନ ବିରୋଧୀ । ଏହାର ବୃହତ୍ତର ପ୍ରଭାବ ଜନସାଧାରଣ ଓ ଦେଶର ଆଇନ ବ୍ୟବସ୍ଥା ଉପରେ ରହିଥିବାରୁ ସମ୍ପୃକ୍ତ ଲୋକ ପ୍ରତିନିଧିଙ୍କ ବିରୋଧରେ ଅପରାଧିକ ମାମଲା ଗ୍ରହଣ କରାଯାଇପାରିବ । ଦେଶର ସମ୍ବିଧାନ ଓ ଏହାର ବ୍ୟବସ୍ଥା ଅଧିକ ତର୍ଜମାଯୁକ୍ତ ଏବଂ ଦେଶରେ ଆଇନର ଶାସନ ପ୍ରତିଷ୍ଠା ପାଇଁ ଲୋକପ୍ରତିନିଧିଙ୍କୁ ନିରଙ୍କୁଶ ବିଶେଷାଧିକାର ଦେବା ଅନୁଚିତ । ଆମ ବିଚାରରେ ସର୍ବୋଚ୍ଚ ଅଦାଲତର ସାତଜଣିଆ ସାମ୍ବିଧାନିକ ପୀଠ ଯେଉଁ ରାୟ ଦେଇଛନ୍ତି, ତାହା ଯଥାର୍ଥ ଓ ସ୍ୱାଗତଯୋଗ୍ୟ । ଏହା କେବଳ ଆଇନର ଶାସନକୁ ସୁଦୃଢ଼ କରିବ ନାହିଁ, ଆମ ଗଣତନ୍ତ୍ରକୁ ସୁଦୃଢ଼ କରି ଏହାର ଗରିମାକୁ ଜାହିର କରିବାରେ ସହାୟକ ହେବ । ଆଇନ ପ୍ରସ୍ତୁତକାରୀ ଓ ଲୋକପ୍ରତିନିଧି ଯଦି ସ୍ୱାଧିକାର ଓ ବିଶେଷାଧିକାର ବଳରେ ଦୁର୍ନୀତି, ଲାଞ୍ଚ ଓ ତଞ୍ଚକତାରେ ଲିପ୍ତ ରହିବେ, ଗଣତନ୍ତ୍ରର ଭବିଷ୍ୟତ କ'ଣ ହେବ । ସୁତରାଂ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଐତିହାସିକ ଓ ସ୍ୱାଗତଯୋଗ୍ୟ ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ଦୂରଭାଷ : ୯୪୩୭୨୨୫୬୮୯

# ସିଏଚଏସଇର ଭୁଲ ପାଇଁ ଦଣ୍ଡ ପାଇବେ ବିଦ୍ୟାର୍ଥୀ
## ପଦାର୍ଥ ବିଜ୍ଞାନ ଓ ଉଦ୍ଭିଦ ବିଜ୍ଞାନ ପ୍ରଶ୍ନ ପତ୍ରରେ ତ୍ରୁଟି

ନିକଟରେ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ଯୁକ୍ତଦୁଇ ପରୀକ୍ଷା ଶେଷ ହୋଇଛି । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇର ପଦାର୍ଥ ବିଜ୍ଞାନ ବାର୍ଷିକ ପରୀକ୍ଷାରେ କିଛି ପ୍ରଶ୍ନ ପାଠ୍ୟ ଖସଡ଼ା ବାହାରୁ ଆସିଥିଲା । ଏହାର ପ୍ରତିବାଦ ହେବା ଦ୍ୱାରା ସିଏଚଏସଇ ପାଠ୍ୟ ସାରଣୀ ବାହାରକୁ ଅନେକ ପ୍ରଶ୍ନ ଆସିଥିବା ସ୍ୱୀକାର କରିଥିଲା । ଯେଉଁ ବିଦ୍ୟାର୍ଥୀ ଏହି ପ୍ରଶ୍ନର ଉତ୍ତର ଲେଖିବାକୁ ଚେଷ୍ଟା କରିଥିବେ ସେମାନଙ୍କୁ କେବଳ ନମ୍ବର ମିଳିବ । ଯେଉଁ ପିଲାମାନେ କରିନାହାନ୍ତି ସେମାନଙ୍କୁ ମିଳିବ ନାହିଁ ବୋଲି ସେତେବେଳେ ପରିଷଦ ସ୍ପଷ୍ଟ କରିଥିଲା । ସିଏଚଏସଇର ଏଭଳି ନିଷ୍ପତ୍ତିକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବିଦ୍ୟାର୍ଥୀଙ୍କ ଅଭିଯୋଗ ହେଉଛି, ପାଠ୍ୟ ଖସଡ଼ା ବାହାରୁ ପ୍ରଶ୍ନ ଆସିବା କ'ଣ ଛାତ୍ରଛାତ୍ରୀଙ୍କ ଭୁଲ କି ? ଯଦି ପାଠ୍ୟ ସାରଣୀରୁ ପ୍ରଶ୍ନ ଆସିଥାନ୍ତା ତେବେ ଛାତ୍ରଛାତ୍ରୀ ଏହାର ଉତ୍ତର ଦେଇ ମାର୍କ ପାଇଥାନ୍ତେ । ଯେହେତୁ ପରିଷଦ ତ୍ରୁଟି କରିଛି, ତେଣୁ ସମସ୍ତ ଛାତ୍ରଛାତ୍ରୀଙ୍କୁ ପାଠ୍ୟ ଖସଡ଼ା ବାହାରୁ ଆସିଥିବା ପ୍ରଶ୍ନ ଗୁଡ଼ିକ ଉପରେ ସମ୍ପୂର୍ଣ୍ଣ ନମ୍ବର ଦିଆଯାଉ ।

ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହୋଇଛି ଯେ, ପାଠ୍ୟ ଖସଡ଼ା ବାହାରୁ ଆସିଥିବା ପ୍ରଶ୍ନ ଉପରେ ଛାତ୍ରଛାତ୍ରୀ ଅଜ୍ଞ ଥିବାରୁ ଏହାକୁ କରି ସମୟ ନଷ୍ଟ କରିବାକୁ ଚାହିଁ ନାହାନ୍ତି । ଉକ୍ତ ପାଠ ବିଷୟରେ ଜାଣି ନଥିବାରୁ ଛାତ୍ରଛାତ୍ରୀ ପ୍ରଶ୍ନ ପଢ଼ି ବୁଝିପାରିଲେ ନାହିଁ, ତେଣୁ ସେମାନେ ସେହି ପ୍ରଶ୍ନ ଗୁଡ଼ିକୁ ନକରି ଛାଡ଼ି ଦେଇଛନ୍ତି । ଯଦି ପାଠ୍ୟ ଖସଡ଼ାରୁ ପ୍ରଶ୍ନ ଆସିଥାନ୍ତା ତେବେ ବିଦ୍ୟାର୍ଥୀ ଉକ୍ତ ପ୍ରଶ୍ନର ଉତ୍ତର ଦେଇ ଉପଯୁକ୍ତ ମାର୍କ ପାଇପାରିଥାନ୍ତେ । ଯେଉଁ ବ୍ୟକ୍ତି ପ୍ରଶ୍ନ ପ୍ରସ୍ତୁତ କରିଛନ୍ତି ସେ କଣ ପାଠ୍ୟ ଖସଡ଼ା ଦେଖି ନଥିଲେ କି ? ଜଣେ ଭୁଲ କରିବ ଏବଂ ଛାତ୍ରଛାତ୍ରୀ ଏହା ଉପରେ ଦଣ୍ଡ ପାଇବେ ଏହା କିପରି ବିଚାର ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।




ଅନୁପମା ଭୂୟାଁ

ଏଭଳି ତ୍ରୁଟି କରୁଥିବା ପ୍ରଶ୍ନ ପ୍ରସ୍ତୁତକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଗଲେ ଆଗକୁ ପ୍ରଶ୍ନପତ୍ର ପ୍ରସ୍ତୁତିରେ ଏଭଳି ତ୍ରୁଟି ହେବନାହିଁ । ଏନେଇ ସିଏଚଏସଇ ପକ୍ଷରୁ କୁହାଯାଇଛି ଏଥିପାଇଁ ଏକ କମିଟି ଗଠନ ହୋଇଛି । ଆସନ୍ତା ୨୨ ତାରିଖରୁ ପରୀକ୍ଷା ଖାତା ମୂଲ୍ୟାୟନ କରାଯିବ । ତା ପୂର୍ବରୁ କମିଟି ଯେଉଁ ମତ ପ୍ରକାଶ କରିବେ ସେହି ଅନୁସାରେ ମୂଲ୍ୟାଙ୍କନରେ ପଦକ୍ଷେପ ନିଆଯିବ । ଶିକ୍ଷାବିତ ମହଲର ମତ ସାଧାରଣତଃ ଏଭଳି କ୍ଷେତ୍ରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାର୍କ ଦିଆଯାଇଥାଏ । ଯିଏ ଉତ୍ତର ଦେଇଥିବ ଏବଂ ଯିଏ ନଦେଇଥିବ ସମସ୍ତଙ୍କୁ ମାର୍କ ମିଳିବା ନିୟମ କହୁଛି । କାରଣ ଏ କ୍ଷେତ୍ରରେ ବିଦ୍ୟାର୍ଥୀର କୌଣସି ତ୍ରୁଟିନାହିଁ । ତେଣୁ ସେମାନେ କାହିଁକି ପ୍ରଭାବିତ ହେବେ ?

ସେହିପରି ସିଏଚଏସଇର ଉଦ୍ଭିଦ ବିଜ୍ଞାନ (ବଟାନି ପ୍ରଶ୍ନ ପତ୍ରରେ) ମଧ୍ୟ ସମାନ ଭାବେ ନୂତନ ପାଠ୍ୟ ଖସଡ଼ା ବା ସିଲାବସକୁ ଅଣଦେଖା କରି ପ୍ରଶ୍ନ ପ୍ରସ୍ତୁତ ହୋଇଛି । ଏଥିରେ ପ୍ରାୟ ୧୨ର ମାର୍କ ପ୍ରଶ୍ନ ବିଷୟ ବହିର୍ଭୂତ ଓ ଦୀର୍ଘ ପ୍ରଶ୍ନ ମାନଙ୍କର ବିକଳ୍ପର ଅଭାବ ପରିଲକ୍ଷିତ ହୋଇଛି । ପ୍ରଶ୍ନପତ୍ରରେ ଥିବା ଅସଙ୍ଗତି ଓ ବିଷୟ ବହିର୍ଭୂତ ପ୍ରଶ୍ନ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଆଭିମୁଖ୍ୟ ତଥା କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଅନ୍ୟ ପକ୍ଷରେ ପରୀକ୍ଷା ନିୟନ୍ତ୍ରକ ଚିରାଚରିତ ଢ଼ଙ୍ଗରେ ଏ ପ୍ରସଙ୍ଗକୁ ଏଡ଼ାଇ ଯାଉଥିବାବେଳେ ଏଭଳି ତ୍ରୁଟି ପାଇଁ ଯେଉଁମାନେ ଦାୟୀ ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଢ଼ ଦାବୀ ହେଉଛି । ସରକାର ଯୁବ ବିଦ୍ୟାର୍ଥୀଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି । ନୂଆ ଓ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସେମାନଙ୍କର ସହିତ ଓଡ଼ିଶାର ବିକାଶ ପାଇଁ ଶିକ୍ଷା ଦିଆଯାଉଛି । ତେଣୁ ସରକାର ତୁରନ୍ତ ଏ ଦିଗକୁ ଦେଖି ପିଲାମାନଙ୍କୁ ନ୍ୟାୟ ପ୍ରଦାନ କରନ୍ତୁ ।

'ସାଇବିଥି' ୭ଡି/୧୩୫୪,
ସେକ୍ଟର-୯, ସିଡିଏ, କଟକ




# ପରମ୍ପରା


ସୁଦର୍ଶନ ମହାପାତ୍ର

ବାପାଙ୍କ ଶ୍ରାଦ୍ଧବାର୍ଷିକୀ ଆସନ୍ତା ରବିବାର ଚାରି ତାରିଖରେ ପଡୁଛି ବୋଲି ମୋତେ ଆଗତୁରା ସୂଚେଇ ଦେଲେ ଭାଇ। ବାପା ଯିବାର ଦଶବର୍ଷ ହୋଇ ଗଲାଣି। ପ୍ରଥମ ଚାରିବର୍ଷ ଏଇ ଶ୍ରାଦ୍ଧ ଦିବସରେ ଗାଁ ଲୋକଙ୍କୁ ନିମନ୍ତ୍ରଣ କରି ଭୋଜିଭାତ ଦିଆ ଯାଉଥିଲା।

ଲୋକଙ୍କୁ ଖାଇବାକୁ ଦେବାରେ ବାପାଙ୍କର ଖୁବ୍ ଆଗ୍ରହ ଥିଲା। ଯେ କେହି ବୁଲା ବିକାଳି କିମ୍ବା ଭିକ୍ଷାବୃତ୍ତି କୁ ଆପଣେଇ ଥିବା ଲୋକ କେବେ ଖାଲି ପେଟରେ ଫେରିବାର ଆମର ନଜିର ନାହିଁ। ସେଇ ଅନୁସାରେ ବୋଉ ପ୍ରତ୍ୟେକ ଦିନ ଜଣେ ଦୁଇଜଣ ଅଧିକ ଲୋକଙ୍କ ପାଇଁ ମଧ୍ୟାହ୍ନ ଖାଇବା ପ୍ରସ୍ତୁତ କରେ। ବେଳେ ବେଳେ ଉପରେ ପଡ଼ି କାହାକୁ ଆମ ଘରକୁ ନିମନ୍ତ୍ରଣ କରି ଆଣନ୍ତି ବାପା। ଏଇ କାରଣରୁ ବୋଉକୁ ଓପାସ ରହିବାକୁ ମଧ୍ୟ ପଡେ।

ବାପାଙ୍କ ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଆଗକୁ ଆସୁଥିଲା ଏବଂ ବୋଉ ଫୋନ୍ କରି ଆମକୁ ତିଥି ବାର ଇତ୍ୟାଦି କହିବା ସାଙ୍ଗକୁ ଗାଁ ଭୋଜି ଦେବାକୁ ଆମକୁ ପରୋକ୍ଷରେ ପ୍ରସ୍ତାବ ଦେଉଥିଲା। ଗାଁ ଠାରୁ ଦୂରରେ ନିଜ ଚାକିରୀ ଜାଗାରେ ରହି ଶ୍ରାଦ୍ଧ ଦିବସ ପୂର୍ବରୁ ଯାଇ ସବୁ କିଛି ଠିକ୍ ଠାକ୍ କରିଥିଲେ ମଧ୍ୟ ଏମିତି ଏକ ଅଘଟଣ ସେଇଦିନ ଘଟିଯିବ ବୋଲି ଆମେ ବିଶ୍ୱାସ କରିପାରୁ ନଥିଲୁ।

ପ୍ରତି ବର୍ଷ ପରି ମୁଁ ସକାଳୁ ଯାଇ ଘରେ ଘରେ ବୁଲି ନିମନ୍ତ୍ରଣ ଦେଇ ଆସିଥିଲି। ହେଲେ ମଧ୍ୟାହ୍ନ ବେଳକୁ ଭୋଜି ଖାଇବାକୁ ଆଉଥରେ ଘର ଘର ବୁଲି ଡାକିଲେ ମଧ୍ୟ କେହି ଆସିଲେ ନାହିଁ। ବଡ଼ ଆଶ୍ଚର୍ଯ୍ୟ କଥା। ମନଦୁଃଖରେ ଆମେ ଭାଙ୍ଗି ପଡିଲୁ। ?ହେଲେ କାରଣ ଜାଣି ପାରିଲୁ ନାହିଁ। ସବୁଠୁ ଦୁଃଖିତ ଥିଲା ବୋଉ। ସନ୍ଧ୍ୟା ହୋଇ ଯାଇଥିଲା। ଅନ୍ୟ ଗ୍ରାମର କିଛି ଜଣାଶୁଣା ଲୋକ କେବଳ ଆସି ଭୋଜି ଖାଇଥିଲେ। ସେଇ ମାନଙ୍କ ଠାରୁ ଆମେ ଅସଲ କାରଣ ଜାଣିଲା ବେଳକୁ ଆଉ କିଛି ଉପାୟ ନଥିଲା।

ଗାଁ ର ଦୁଇ ତିନୋଟି ପରିବାର ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ଭୋଟ ଦେଇଥିବାରୁ ସେମାନଙ୍କୁ ଗାଁ ରୁ ଏକପ୍ରକାର ବାସନ୍ଦ କରାଯାଇଥିଲା। ହେଲେ ଅଜଣାତରେ ମୁଁ ଯାଇଁ ସେମାନଙ୍କୁ ନିମନ୍ତ୍ରଣ କରି ଆସିଥିବାରୁ ଗାଁ ଲୋକେ ଉତକ୍ଷିପ୍ତ ହୋଇ ଆମ ଭୋଜିକୁ ସମୂହ ବର୍ଜନ କରିଥିଲେ।ସେପଟେ ଗାଁ ଲୋକଙ୍କ ଭୟରେ ସେଇ ନିର୍ଦ୍ଦିଷ୍ଟ ପରିବାର କେତୋଟି ମଧ୍ୟ ଭୋଜି ଖାଇବାକୁ ଆସିନଥିଲେ।

ପରମ୍ପରା, ସଂସ୍କୃତି, ଭାଇଚାରା ଭାବ ଆଦି ସବୁ ଏବେ ଏଇ ରାଜନୀତିର ଆବହାଓ୍ୱାରେ ଧ୍ୱଂସ ପାଇଯିବାକୁ ବସିଛି ବୋଲି ଭାଇ ରାଗ ତମତମ ହୋଇ କହିଲେ।

ଏ ଘଟଣାର କିଛି ଦିନ ପରେ ଅବଶ୍ୟ ଗାଁ ଲୋକଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ ମିଳାମିଶା ହୋଇ ଯାଇଥିଲା। ଗାଁ ରେ ପୂର୍ବବତ୍ ଶାନ୍ତି ମଧ୍ୟ ଫେରି ଆସିଥିଲା। ହେଲେ ବୋଉର ଏବଂ ଆମ ଦୁଇଭାଇଙ୍କର ଭଙ୍ଗାମନ ଆଉ ଯୋଡ଼ି ହୋଇନଥିଲା। ସେବେଠାରୁ ବୋଉ ଆସି ଭାଇଙ୍କ ଘରେ ଭୁବନେଶ୍ୱରରେ ରହିଛି ଏବଂ ବାପାଙ୍କ ପର ଶ୍ରାଦ୍ଧଦିବସରେ ଆଉ କେହି ଗାଁ କୁ ଭୋଜି ଦେବାକୁ ଯାଇନଥିଲୁ।

ହେଲେ ଶ୍ରାଦ୍ଧ ଦିବସରେ ବୋଉ ର ସେଇ ଇଚ୍ଛା ବଳବତ୍ତର ଥିଲା।ଘରେ ରୋଷେଇ କରି ପଡ଼ିଶାଘର ମାନଙ୍କୁ ଖୋଇବାକୁ କିମ୍ବା କେହି ନଆସିପାରିଲେ ସେମାନଙ୍କ ଘରେ ନେଇ ଦେଇ ଆସିବାକୁ ବୋଉ ର ଇଚ୍ଛାକୁ ଯଥାସାଧ୍ୟ ସମ୍ମାନ ଦେଉଥିଲେ ଭାଉଜ।

ଏଇ ସମୟ ଭିତରେ ଭାଇ ଭାଉଜ ଯେ କେତେବେଳେ ଅଜା ଆଈଙ୍କ ମାନ୍ୟତା ପାଇ ସାରିଥିଲେ ଏବଂ କ୍ରମେ ଦୁର୍ବଳ ମଧ୍ୟ ହୋଇ ଯାଉଥିଲେ।ଭାଉଜ ଆଣ୍ଠୁ ସମସ୍ୟାରେ ପୀଡ଼ିତ ଥିଲେ ତ ଭାଇ ଡାଇବେଟିସ ରେ... !ଆଉ ଗୋଟିଏ ବର୍ଷ ଚାକିରୀ ସମୟ ସାରି ଅବସର ନେଇ ନିଜ ରାଜ୍ୟକୁ ଫେରିବାକୁ ଚାତକ ପ୍ରାୟ ପ୍ରତୀକ୍ଷିତ ଥିଲେ।ଏପଟରେ ଘର କାମ ତଦାରଖ ସହିତ ନାନା ଜଞ୍ଜାଳ ସମ୍ଭାଳୁ ସମ୍ଭାଳୁ ଭାଉଜ ନାକେଦମ ହୋଇ ଯାଉଥିଲେ।

ଯେତେ କଷ୍ଟ ପଡୁ ପଛକେ ବୋଉ ଅବା ଭାଇଙ୍କ ଇଚ୍ଛା କୁ ପୂରଣ କରିବାକୁ ଅଦମ୍ୟ ଚେଷ୍ଟା କରୁଥିଲେ ଭାଉଜ। ଫୋନ୍ ରେ ବେଳେ ବେଳେ ନିଜ ଦୁଃଖ କଥା କହିପକାନ୍ତି ଭାଉଜ। ହେଲେ ପରକ୍ଷଣରେ କାଳେ ଭାଇଙ୍କ ମନରେ ଆଘାତ ଲାଗିବ ବୋଲି, ଭାଇଙ୍କୁ କିଛି ନ କହିବାକୁ ଅନୁରୋଧ କରି ବସନ୍ତି।

ବେଳେ ବେଳେ ତ ମୋର ଇଚ୍ଛା ହୁଏ ଭାଇଙ୍କୁ ବୁଝେଇ ଦେବାକୁ ଯେ ତାଙ୍କ ଭଳି ଭାଉଜଙ୍କର ବି ବୟସ ବଢୁଛି। ତେଣୁ ହୃଦୟର ସହ ଭାବି ଯାହା କରଣୀୟ, ତାଙ୍କ ପ୍ରତି ଦୃଷ୍ଟି ଦେବାକୁ। ହେଲେ ଭାଉଜଙ୍କ ଅନୁରୋଧ ମନେ ପଡେ। ମୁଁ ଚୁପ୍ ରହେ।

ଏ ବର୍ଷ ଶ୍ରାଦ୍ଧରେ ଠିକ୍ ସମୟରେ ପହଞ୍ଚିବାକୁ ପ୍ରତିଶ୍ରୁତି ଦେଲି ଭାଇଙ୍କୁ।ଏଇ କେତେ ଦିନ ହେବ ଭାଉଜଙ୍କ ଦେହ ଖରାପ ଥିଲା ବୋଲି ଜାଣିଥିଲି ଏବଂ ସେଇ ଅନୁସାରେ ଏବର୍ଷ ରୋଷେଇ କରି ପଡୋଶୀ ଙ୍କୁ ବାଣ୍ଟିବାର ଅଭିପ୍ରାୟକୁ ବଳବତ୍ତର ନରଖିବାକୁ ଭାଇଙ୍କୁ ଅନୁରୋଧ କରିଥିଲି। ମୋତେ ଆଶ୍ଚର୍ଯ୍ୟ କରି ସେ ବି ମୋ କଥାକୁ ମାନିଗଲେ। ସେଇ ଅନୁସାରେ ଭାଉଜଙ୍କୁ ବି ମନାକଲି ଏ ବର୍ଷ କିଛି ବିଶେଷ ଆୟୋଜନ ନକରିବାକୁ। ଭାଉଜ ନୀରବ ରହି କିଛି ସମୟ ପରେ 'ହଉ' ବୋଲି ସଂକ୍ଷିପ୍ତରେ କହିଲେ।

ଶ୍ରାଦ୍ଧ ପୂର୍ବ ଦିନରୁ ଯାଇ ସଉଦାପତ୍ର କିଣିବାର ନଥିଲା। ତେଣୁ ସେଇ ଦିନ ସକାଳୁ ବାହାରିବି ବୋଲି ଜଣାଇଦେଇଥିଲି।
ଭୁବନେଶ୍ୱରରେ ପହଞ୍ଚି ଯାହା ଦେଖିଲି ଆଶ୍ଚର୍ଯ୍ୟାନ୍ୱିତ ନହୋଇ ଆଉ ଚାରା ନଥିଲା। ଆଗ ବର୍ଷ ଭଳି ରୋଷେଇ ଚାଲିଥିଲା। ଅବଶ୍ୟ ପଡୋଶୀ ଜଣେ ଦୁଇ ଜଣ ଆସି ଭାଉଜଙ୍କୁ ସାହାଯ୍ୟ କରୁଥିବାର ଦେଖି ଆଶ୍ୱସ୍ତ ହେଲି।

ସେଦିନର ସବୁ କାମ ସରିବା ପରେ ଭାଉଜ ଲଥ୍ କରି ବସିପଡିଲେ ସୋଫାରେ।
–'ଓଃ, ଏବେ ଟିକିଏ ମଣିଷ ନିଶ୍ଚିନ୍ତ। ନହେଲେ ବୋଉ ସ୍ୱର୍ଗରେ ଥାଇ ମୋତେ ଗାଳି କରିଥାନ୍ତେ କିମ୍ବା ମନଉଣା କରିଥାନ୍ତେ।' ହସି ହସି କହିଲେ ଭାଉଜ।
–'ହେଲେ ତୁମେ ତ ମନା କରିଥିଲ କିଛି ବିଶେଷ ଆୟୋଜନ ଏଥର କରି ପାରିବନି ବୋଲି !'
– 'ଦେଖ ବିଜୟ, ମଣିଷ ଉପରେ ଉପରେ ପରମ୍ପରା ପାଖରୁ ଯେତେ ଛାଡ ଛାଡ ହେଲେ କ'ଣ ହେବ, ତାହା ଗୁପ୍ତଗଙ୍ଗା ପରି ତା ଆତ୍ମା ଭିତରେ ପ୍ରବାହିତ ହେଉଥାଏ।ତା ଯୋଗୁଁ ପରମ୍ପରାର ରାସ୍ତା ରୁଦ୍ଧ ହୋଇଯିବ, ଏଭଳି ଅପବାଦ ମୁଣ୍ଡାଇବାର ସାମର୍ଥ୍ୟ ଘରସଂସାର କରୁଥିବା ସ୍ତ୍ରୀ ଲୋକଟିର ନଥାଏ... !!'

ଭାଉଜଙ୍କ ଦର୍ଶନ, ପରମ୍ପରାର ବ୍ୟାଖ୍ୟା ମୋତେ ବିହ୍ୱଳିତ କରି ଦେଉଥିଲା... ! ଭାଇଙ୍କ ଆଡକୁ ଚାହିଁଲି।ସେ ଭାଉଜଙ୍କ ଆଡକୁ ଚାହିଁ ମୁଚୁକି ମୁଚୁକି ହସୁଥିଲେ... !!!!

*କୁଞ୍ଜବିହାରୀ ଲେନ, କଟକ*

# ବିଲେଇ ଉପାଖ୍ୟାନ


ଆଦ୍ୟାଶା ମହାପାତ୍ର

ହ୍ୱାଟସ ଆପ୍ ରେ ଝିଅ ଫଟୋ ପରିବର୍ତ୍ତ ? ପୁଷି ବିଲେଇର ଚିତ୍ର ଦେଖି ମୁଁ ଯେତିକି ଆମୋଦିତ ହେଲି ସେତିକି ଚିନ୍ତାରେ ପଡିଲି। ହେଲେ ଏତିକି ଜାଣି ପାରିଲି ଯେ ନିଜ ଫଟୋ ହଟେଇ ଏଇ କ୍ୟୁଟ ବିଲେଇ ର ଫଟୋ ଝିଅ ହିଁ ଅପଲୋଡ଼ କରିଛି। ଘରେ ବିଲେଇଟିଏ ପାଳିବ ବୋଲି କେତେ ଦିନ ଧରି ମୋ ସାଙ୍ଗରେ ଲଗେଇଥିଲା ସେ। ତା ଆଗରୁ ମାମାକୁ ଫୁସୁଲେଇ କାମ ଆଦାୟ କରିବ ବୋଲି ଚେଷ୍ଟା କରି ବିଫଳ ହୋଇଥିଲା ବିଚାରି ।ବିଲେଇ ସଂକ୍ରାନ୍ତୀୟ କେତେ ସବୁ ଭଲ କଥା, ଯଥା–
ଆମ ଘରେ କେବେ ବି ମୂଷା ଅସରପା ହେବେନି, କୁକୁର ଭଳି ଅଯଥାରେ ଭୋ ଭୋ ହେବନି, କାହାର କିଛି କ୍ଷତି କରିବନି, ସେ ସ୍ୱାଧୀନ ଭାବରେ ବୁଲି ପାରିବ, ଆଲାସ୍କା ସହରରେ ଗୋଟିଏ ବିଲେଇ କୋଡ଼ିଏ ବର୍ଷ ଧରି ମେୟର ଥିଲା ଇତ୍ୟାଦି ଇତ୍ୟାଦି.. ବିଷୟରେ ବଡ ଆଗ୍ରହରେ ମୋ ଆଗରେ ବଖାଣି ଥିଲା।
–'ଆରେ, ଆମ ଘରେ ତ ଗୋଟିଏ ଲଭଲି ପୁଷି ତୁ ଅଛୁ।ଆଉ ଗୋଟିଏ କ'ଣ ଦରକାର ?'
–'ତୁମର ସିନା ଅଛି, ମୋର ଗୋଟିଏ ଦରକାର।' ରାଗିକି କହିଲା ଝିଅ।

ଏଥର ମୁଁ ତାକୁ ପ୍ରସିଦ୍ଧ ଗାଳ୍ପିକ ବାମା ଚରଣ ମିତ୍ର ଙ୍କ ଗଳ୍ପ 'ମିମିର ସାହିତ୍ୟ ଶିକ୍ଷା' କହିବା ଛଳରେ ସେଇ ବିଲେଇ ପାଇଁ ମିମି ର ପାଠ ହେଉନଥିଲା ବୋଲି ମଜାରେ କହିଲି। ସେ କିନ୍ତୁ ଥିଲା ନଛୋଡବନ୍ଧା। କିଛି ବୁଝିବା ମୁଡ଼ରେ ହିଁ ନଥିଲା।
–'ମୁଁ ତା ପଛରେ ଜମା ପାଠପଢ଼ା ସମୟ ନଷ୍ଟ କରିବିନି।ପ୍ରମିଶ୍ ବାବା ପ୍ରମିଶ୍।' ମୋତେ ମନେଇବାକୁ ଚେଷ୍ଟା କରୁଥିଲା ମୋ ଅଲିଅଳି ଝିଅ ମାମୁନି।
–'ଆଚ୍ଛା ହେଉ। ଆଗକୁ ପରୀକ୍ଷା ଅଛି।ତୁ ମନଦେଇ ପଢ଼ାପଢ଼ି କର।ଯଦି ଭଲ ନମ୍ବର ଆଣିବୁ, ମୁଁ ବି ପ୍ରମିଶ୍ କରୁଛି ତୋ କଥା ରଖିବି। ଆମ ଦି' ଜଣ ଯାଇଁ ଭଲ ପୁଷିଟିଏ ଆଣିବା, ହେଲା।'
–'ତୁମେ ଜମା ଆଣିବନି। ଗତବର୍ଷ ତ ସେଇଆ କହିଥିଲ। ମୁଁ ଭଲ ମାର୍କ ତ ରଖିଥିଲି। ଏଥର ବି ଚିଟିଂ କରିବ ମୁଁ ଜାଣେ।' ମୁହଁ ଫୁଲେଇ ଦୁମ୍ ଦୁମ୍ ହୋଇ ମୋ ପାଖରୁ ଚାଲିଗଲା ଝିଅ।
ଦୁଇ ଦିନ ଧରି ମୋ ସାଙ୍ଗରେ କଥା ହେଉନଥିଲା ସେ।ଆଉ ଆଜି ଦେଖିଲି ଫୋନରେ ତା' ମୁହଁ ବଦଳରେ ପୁଷି ବିଲେଇର ଡିପି। ଝିଅ କୁ ପାଖକୁ ଡାକି ବୁଝେଇବାକୁ ଚେଷ୍ଟା କଲି ଆଉଥରେ।
'ତୁମେ ପରା କହିଥିଲ ମୁଁ ତୁମ ପୁଷି। ତା'ହେଲେ ମୋ ଜାଗାରେ ସେଇ ପୁଷିର ଛବିକୁ ଦେଖ।' ଆଖି ଛଳଛଳ କରି ମୁହଁ ବୁଲେଇ ଚାଲିଗଲା ମାମୁନି।

ଆରେ ବାପରେ! ମୁଁ ବୁଝି ପାରୁଥିଲି ଝିଅର ଅଭିମାନକୁ..! ତା'ର ବିଲେଇଟିଏ ପେଟ କରିବାର ଆଗ୍ରହକୁ... ! ମନେ ପଡିଲା ମୋ ବୋଉ ର ପୋଷା ବିଲେଇ 'ଶଂଖି' କଥା।ଏଡିକି ବକଟେ ଛୁଆରୁ ବଡ ହେଲା ପର୍ଯ୍ୟନ୍ତ ସେ ବୋଉର ଗେହ୍ଲା ହୋଇ ରହିଥିଲା। ମାମୁନି ବୋଧହୁଏ ସେଇ ଗୁଣସୂତ୍ରରେ ବିଲେଇ ପାଳିବ ବୋଲି ଏମିତି ବାୟାଣୀ ଭଳି ହେଉଛି। ମନେ ମନେ ହସିଲି। ବୋଉ ତା' ପୋଷା ବିଲେଇ ଶଂଖି କଥା କହେ।

ଯାଉଣୁ ଆସୁଣୁ ଶଂଖି ବୋଉ ପାଖକୁ ଆସି ଗୋଡରେ ଘଷି ହୁଏ। ବୋଉ କୋଳରେ ଶୋଇ ଘୁଡୁରୁ ଘୁଡୁରୁ ହୁଏ, ବୋଉ ପାଖରେ ଶୁଏ। ଖାଇବା ସମୟ ହେଲେ ପାଖକୁ ଆସି ଧୀର କଣ୍ଠରେ ମ୍ୟାଉଁ ମ୍ୟାଉଁ ହୁଏ। ଯେଉଁଦିନ ଆଇଁଷ ବାସ୍ନା ତା ନାକରେ ବାଜିବ ସେଦିନ ବେଶି ବେଶି ଫୁଲେଇ ହୁଏ।

ଧିରେ ଧିରେ ଶଂଖି ବଡ଼ ହେଲା। ହେଲେ ବୋଉ ପିଛା ଛାଡୁ ନଥିଲା।ଘରେ କ୍ଷୀର ଭାତ ଖାଏ। ମାଛ ଆଇଁଷ ହେଲେ ସେ ତା'ର ଖୁସି ନିଜସ୍ୱ ଢଙ୍ଗରେ ବ୍ୟକ୍ତ କରେ। କେବେ କେବେ ପାଖ ପଡ଼ୋଶୀଙ୍କ ଘରକୁ ଯାଇ ମାଛ କଣ୍ଟା ଆଦି ଖାଇ ଓରିମାନା ମେଣ୍ଟାଇ ଆସେ। ମଝିରେ ମଝିରେ ଆଣ୍ଠୁ ରୁ କିମ୍ବା କେଉଁ ଗଳି କନ୍ଦିରୁ ମୂଷା ମାରେ। ମଲାମୂଷା କୁ ଧରି ବାହାରକୁ ଯାଇ, ଖାଇ ସଫା ସୁତୁରା ହୋଇ ସୁନାପିଲା ପରି ଘରକୁ ଫେରେ। ହଠାତ୍ ଦିନେ ଆଶ୍ଚର୍ଯ୍ୟ ଘଟଣା ଟିଏ ଘଟାଇଥିଲା ଶଂଖି।
ବୋଉ ପାଖରେ ସେଦିନ ଲସର ପସର ହୋଇ ମିଆଁଉ ମିଆଁଉ ହୋଇ ଯେମିତି କିଛି କହିବାକୁ ଚାହୁଁଥିଲା। ବୋଉ ତା'ଭାଷା ଯେମିତି ବୁଝି ପାରିଥିଲା।ବସିବା ଜାଗାରୁ ଉଠିଲା ମାତ୍ରେ, ସେ ଆଗେ ଆଗେ ଚାଲି ବାଟ କଢେଇ ନେଲା ଗୁହାଳ ଆଡକୁ। ଶଂଖି ପଛେ ପଛେ ବୋଉ। ମାଗୁର ମାଛଟିଏ ଛଟପଟ ହେଉଥିଲା ଗୁହାଳେ।ଆଉ ନିସ୍ତାର ନାହିଁ। ତା' ଅଳି ବୋଉକୁ ଛୁଇଁ ସାରିଥିଲା। ଅଗତ୍ୟା ମାଛ କାଟି, ଭାଜି ତାକୁ ଦେଲାପରେ ଯାଇ ସେ ଶାନ୍ତ ପଡିଲା। ହେଲେ ସେଦିନ ଗୁରୁବାର ଥିବାରୁ ବୋଉ ଖୁବ୍ ଗାଳି ଖାଇଥିଲା ଆଈଙ୍କ ଠାରୁ। କିଛି ଦିନ ଉତ୍ତାରୁ ଶଂଖି ମା ହେବାକୁ ବସିଲା। ଯେଉଁଦିନ ସେ କଷ୍ଟ ପାଇଲା ବୋଉ ହାତର ଆଉଁସା ଖୁବ୍ ପାଇଥିଲା। ଶଂଖି ନିଜେ ବୋଉ ଲୁଗାକୁ କାମୁଡି ସେ ନିରୂପଣ କରିଥିବା ଏକୁଟି ସ୍ଥାନ ଦେଖାଇଦେଲା।ଅଖା, ଛିଣ୍ଡା ଲୁଗା ପାରି ବୋଉ ତା ପାଇଁ ଆରାମଦାୟକ ବିଛଣାଟିଏ ତିଆରି କରିଦେଇଥିଲା। ହେଲେ ଦିନେ ଦୁଇ ଦିନ ଭିତରେ ଶଂଖି ବିପଦଟିଏ ସାମ୍ନା କଲା ତା ଜୀବନରେ। ତା'ର ଓ ବୋଉର ଶତ ସତର୍କତା ସତ୍ତ୍ୱେ ଚାରୋଟି ଛୁଆରୁ ଗୋଟିଏ କୁ ନିପାତ କରି ଦେଇଥିଲା ଭୂଆଁ ବିରାଡିଟିଏ। ସେଇ ଛୁଆଟି ଅଣ୍ଡିରା ଥିଲା ବୋଲି ସମସ୍ତେ କହିଲେ। ସେଦିନ ଶଂଖି ର ଦୁଃଖ ସହିନପାରି ବୋଉ ବି କାନ୍ଦି ପକେଇଥିଲା। ବୋଉ ର ବାହାଘର ପରେ ଶଂଖି ରହିଗଲା ତା' ଜାଗାରେ। ଗୋଟିଏ ଗାଁ ଛାଡି ଆମ ମାମୁଘର। ବୋଉ ଯେବେ ବାପଘରକୁ ଯାଏ ଶଂଖି ତା'ର ଆନୁଗତ୍ୟ ଦେଖାଇବାକୁ ଭୁଲେନା। ବୋଉର ଅବର୍ତ୍ତମାନରେ, ଶଂଖି ଉପରେ ସବୁବେଳେ ଗରଗର ହେଉଥିବା ଆଈ କିନ୍ତୁ ତା କଥା ବୁଝିବାରେ ଲାଗିଥିଲେ। ବୋଉ ଆମ ଘରେ ଥିଲା ବେଳେ ଆଶ୍ଚର୍ଯ୍ୟଜନକ ଭାବେ ଦିନେ ଶଂଖି ଉଭା ହେଲା। କେମିତି ଆସିଲା ଏତେ ବାଟ ? ଘର ଚିହ୍ନିଲା କେମିତି ? ସେ ଯାହା ହେଉ ତା'ର ଆସିବାର କାରଣ ବୋଉ ବୁଝି ପାରିଲା ତା ହାବଭାବରୁ। ଆଈଙ୍କ ଦେହ ଖରାପ ଥିଲା ବୋଲି ବୋଉ ଜାଣିଥିଲା। ମନରେ ଛନକା ପଶିଲା। କିଛି ଅଘଟଣ ଘଟିଲା କି? ଖବର ମିଳିଲା ଟିକିଏ ପରେ। ବୋଉ ଯାହା ଅନୁମାନ କରୁଥିଲା ସେଇଟା ସତ। ଶଂଖି ସହ ବୋଉ ଏକା ନିଃଶ୍ୱାସକେ ପହଞ୍ଚି ଯାଇଥିଲା ମାମୁଘରେ। ସମସ୍ତଙ୍କ ସହ ଶଂଖି ବି ପାଳନ କରିଥିଲା ବିଧି ବିଧାନକୁ।ଆମିଷ ଆଣି ଛୁଇଁ ନଥିଲା ଏବଂ ସର୍ବୋପରି ଦୀପ ଜଳୁଥିବା ଘରେ ଅନବରତ ପହରା ଦେଉଥିଲା ଶଂଖି।

ଆଉଥରେ ବି ଶଂଖି ଆସିଥିଲା ଆମ ଘରକୁ। ଏଥର କିନ୍ତୁ ସାଙ୍ଗରେ ଆଣିଥିଲା ତା'ର ଗୋଟିଏ ଛୁଆକୁ।ଆସନ୍ନ ବିପଦରୁ ବଞ୍ଚାଇବାକୁ ଯେମିତି ଶରଣ ପଶିଛି ସେ। ଅଣ୍ଡିରା ଛୁଆଟିକୁ ବୋଉ ପାଖରେ ଥୋଇଦେଇ, ସେ ଫେରି ଯାଇଥିଲା ତା ବାକି ଛୁଆଙ୍କ ପାଖକୁ। ଶଂଖିର ବୋଉ ଉପରେ ଅଗାଧ ବିଶ୍ୱାସ ସେ ପର୍ଯ୍ୟନ୍ତ ବଳବତ୍ତର ଥିଲା। ଯେ ଗଲା ଆଉ ଦିନେ ବି ସେଇ ଛୁଆକୁ ଦେଖିବାକୁ ଆସି ନଥିଲା ସେ।ସେ ଛୁଆଟି ବୋଉ ମାର୍ଫତରେ ବଡ ହେଲା ପରେ ହଠାତ୍ ଦିନେ କେଉଁଆଡେ ଚାଲିଗଲା। ସେଇଦିନୁ ଆମଘରେ ଆଉ ବିଲେଇ ନାହାନ୍ତି।

ଶଂଖି କଥା ବୋଉ କହିଲେ ଖୁସିରେ ଯେମିତି କୁରୁଳି ଉଠେ। ଆମ ଆଖି ଆଗରେ ଅଶୀତିପର ମୋ ବୋଉ କୁନି ଝିଅଟିଏ ହୋଇଯାଏ।

ଝିଅର ଏଥର ପରୀକ୍ଷା ସରିବାପରେ ବିଲେଇଟେ ଆଣି ପାଳିବାକୁ ଇତି ମଧ୍ୟରେ ମୁଁ ପତ୍ନୀ ଙ୍କୁ ମନେଇଲି। ସେଇ ଖୁସିରେ ଝିଅ ବି ଖୁବ୍ ମନଦେଇ ପଢ଼ାପଢ଼ି କରୁଛି... !!!

*ନୂଆପଡ଼ା, କଟକ*

## ଜାଗି ଉଠରେ ଝଟତି

*ଭାସ୍କର ରାଉତ*



ସମାଜଟା ଆଜି ଯାଉଛି ସେ ହଜି
ଦେଖରେ ମଣିଷ ଜାତି
ପଥଭ୍ରଷ୍ଟ ହୋଇ ଯାଉଅଛି ସେହି
ତାକୁ କେହି ନ ରୋକନ୍ତି।
ଚାଷୀଠୁଁ ଶ୍ରମିକ ଖଟିଖିଆ ଦେଖ
ସର୍ବେ ? ଆଜି ହନ୍ତସନ୍ତ
ମହଙ୍ଗା ମାଡ଼ରେ ତା ମେରୁ ଭାଙ୍ଗେରେ
ଉଠି ନପାରଇ ସେତ।
ଜାତି ଧର୍ମ ନେଇ ରକତ ବୁହାଇ
ଭୁଲିଯାଇଛି ଭାତୃତ୍ୱ
ସେ ମାନବିକତା ହରାଇଛି ଚେତା
ସମ୍ପର୍କ ସ୍ୱାର୍ଥ ? ଜଡ଼ିତ।
ଯେତେକ ଶିକ୍ଷିତ ସର୍ବେ ? ବେକାର ତ
ଆଜିର ଯୁବା ଯୁବତୀ
ଭୋକ ବିକଳରେ ସନ୍ତାନ ବିକେରେ
ଜନକ ଜନନୀ ନିତି।
ଯୋଜନା ଗଢ଼ିଣ କରନ୍ତି ଶୋଷଣ
ହିତାଧିକାରୀ ନାହାନ୍ତି
ଦପ୍ତରୁ ଦପ୍ତର ଧାଇଁ ବାରମ୍ବାର
ସର୍ବେ ? ନିରାଶ ହୁଅନ୍ତି।
ଭଦ୍ର ମୁଖାତଳେ ଶାସକଟା ଚାଲେ
ଦେଇ ମିଛ ପ୍ରତିଶ୍ରୁତି
ବିକାଶ ନାମରେ ଡିଣ୍ଡିମ ପିଟେରେ
ବିକାଶ ନପାରେ ମୁଠି।
ହଜିଲେଣି କେତେ ନାରୀ ଏ ଜଗତେ
ପିଶାଚ ବୁଲନ୍ତି ନିତି
ଇତିଶ୍ରୀ ସସ୍ମିତା ଆବର ମମିତା
ବବିତା କରେ ମିନତି।
ମାଗିବାକୁ ହେବ ହିସାବ କିତାବ
ଜାଗିଉଠରେ ଝଟତି
ଗଢିବା ସଇନି ପ୍ରତିବାଦ ବହ୍ନି
ଜାଳି ପ୍ରକାଶିବା ଜ୍ୟୋତି।

ଦେବମାୟା ଭବନ
ଶେରଗଡ଼, ଗଞ୍ଜାମ
୯୭୭୬୪୮୬୬୨୮

## ମନ ବସନ୍ତ

*ଚନ୍ଦ୍ରକାନ୍ତି ମିଶ୍ର*



ଏ କେଉଁ ଶବଦ କର୍ଣ୍ଣ
ପଟଳରେ ଗୁଞ୍ଜରିତ
ଦେହ ବୃନ୍ଦାବନ ମୃଦୁ
ମଳୟରେ ପୁଲକିତ,
କେଳି କଦମ୍ବର ସ୍ନିଗ୍ଧ ଶୀତଳ ଘନଛାୟା
ଅନୁଭବେ ଏଠି ପ୍ରାଣସଖା
ସବୁ ତୁମ ମାୟା ॥

ଶୁଣି ବଂଶୀ ସ୍ୱନ ଯମୁନାର
ଜଳ ଉଦ୍ଧ୍ୱେଷଣ
ପାଦପ ଶାଖାରେ ନବ
ଉନ୍ମେଷର ସମ୍ମହନ,
ରାଗ ବେହାଗରେ ପ୍ରକୃତିର
ପାଦେ ମଧୁଛନ୍ଦ
ବନ ଉପବନେ ସୁମନେ
ପୀୟୂଷ ମକରନ୍ଦ ॥

ସାତ ସୁରେ ଅବରୋହରୁ
ଆରୋହ ଅନୁକ୍ରମେ
ନିନାଦିତ ହୁଏ ଓଁକାର
ଶବଦ ଅନୁକ୍ଷଣେ,
ଭାବ ଭକତିରେ ସମର୍ପିତ
ମୋର ମନପ୍ରାଣ
ଅବିରତ ସେଇ କଞ୍ଜ
ପାଦପଦ୍ମେ ରହୁ ମନ ॥

ଶୁଭେ ଆଜି ହୃଦେ ବଂଶୀର
ମଧୁର ସୁରଧୁନୀ
ମନ ବସନ୍ତକୁ ଛୁଇଁ ଅନୁରାଗ
ଆଳାପନୀ ॥

*ଆଳି, କେନ୍ଦ୍ରାପଡା*

## ନିର୍ବାଣ

*ଅନନ୍ୟା ପଣ୍ଡା*



ରଚିଛି ନିୟତି ପ୍ରବଳ ତାଣ୍ଡବ
ଶୁଭେ ଯାହା ଖାଲି ଆର୍ତ୍ତ ଚିତ୍କାର
ବିକ୍ଷିପ୍ତ ଭଗ୍ନାଂଶ ମର୍ମର ଧ୍ୱନିରେ
ଲୁଚିଯାଏ ସୃଷ୍ଟ ଯନ୍ତ୍ରଣା ସ୍ୱର ॥
ଅନ୍ତଃସାରହୀନ ଜୀବନର ସ୍ୱପ୍ନ
ଅସହାୟତାର ଆତ୍ମଦହନ
ଅବସୋସ ଭରା ପ୍ରତିଟି ମୂହୁର୍ତ୍ତ
ଛନ୍ଦହୀନ ଲାଗେ ଏବେ ଜୀବନ ॥
ହୃଦୟରେ ଆଜି ବିତୃଷ୍ଣା ଜଗାଏ
ଅସାର ସଂସାର ଭାବ ପୀରତି
ସମ୍ପର୍କ ହଜିଛି ମରୀଚିକା ମଧ୍ୟେ
ଭରିଛି ମନରେ ଅମାପ ତାତି ॥
ଅକାତରେ ସହେ ଦୁଃଖ ଅପ୍ରମିତ
ବଦଳି ଯାଇଛି ଜୀବନ ମୋଡ
ଦିଶାହୀନ ପଥେ ଏକଲା ପଥିକ
ଭାଗ୍ୟ ଆକାଶେ ମୋ ଅଦିନ ଝଡ଼॥
ଜୀବନ ମରଣ ଦୋଛକିରେ ମୁହିଁ
ମଉଳି ଯାଇଛି ଆଶା ବିଶ୍ୱାସ
ବଳକା ଆୟୁଷେ ବିଷାଦର ବିଷ
ସମୟ ଅର୍ପିଛି ମନେ ନୈରାଶ୍ୟ ॥
ବିଧାତା ସୃଜନ ପ୍ରାରବ୍ଧ ବିଧାନେ
ଭୋଗେ ନିଜ କୃତ କର୍ମ କଷଣ
ଦୁନିଆରେ ଏବେ ନିଃସ୍ୱ ମଣିଷ ମୁଁ
କରେ ଅନ୍‌ବେଷଣ ନୀଳ ନିର୍ବାଣ ॥

*କେନ୍ଦୁଝର*

## ଗାଆଁ-ସହର

*ନିରଞ୍ଜନ ସାହୁ*



ତୁମ ସହରରେ ଘରଟେ ତୋଳିଲି
ସୁଖରେ ରହିବା ପାଇଁ
ଶାନ୍ତିର ସନ୍ଧାନ କରି କରି ତୁମେ
ଗାଆଁକୁ ଆସିଲ ଧାଇଁ ।
ସହରେ ରହିବା ସପନ ଦେଖି ମୁଁ
ସପନ କରିଲି ସତ
ସହରକୁ ଛାଡି ଗାଆଁରେ ରହିଲ
ଦୁହିଁଙ୍କର ଭିନ୍ନ ମତ
କେଉଁଠି ରହିଲେ ଆନନ୍ଦ ମିଳିବ
ଭାବି ମଥା ଘାଇଁଘାଇଁ ।
କାହିଁକି ତାହେଲେ ଗ୍ରାମୀଣ ମଣିଷ
ସହର ସପନ ଦେଖେ
ସହରୀଆ ଲୋକ ଗାଆଁର ପ୍ରଶଂସା
କରିକି କବିତା ଲେଖେ
କେଉଁଠି ରହିବା ଉଚିତ ଅଟଇ
ମୁହିଁ ଜାଣିପାରେ ନାହିଁ ।
ସହରରେ ଯାହା ସୁବିଧା ରହିଛି
ଗାଆଁରେ ତାହା ନ ମିଳେ
ଗ୍ରାମ୍ୟ ଜୀବନରେ ଯାହା ଭରିଅଛି
ସହରେ ମିଳେନା ତିଳେ
ସହର ଭଲ ନା ଗାଆଁ ଭଲ ଅଟେ
କିଏ ବା କହୁଛି କାହିଁ ?

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ --- ୭୫୯୦୧୬*
*ମୋ :--- ୯୯୩୮୭୪୧୫୮୩*

## ଜୀବନ ସ୍ତୁତି

**ଡକ୍ଟର ମନୋରଞ୍ଜନ ବିଷୋୟୀ**

ବେଳେବେଳେ
ଇଚ୍ଛା ହୁଏ
ନିଜକୁ ନିଜେ
ବନ୍ଦି କରିବାକୁ
ନିବୁଜ ଶଦ୍ଦ ଭିତରେ।
ନିଜକୁ ନିଜେ
ଫାଶୀ ଖୁ ରେ
ଝୁଲାଇ ଦେବାକୁ
ଶବ୍ଦର ରଜ୍ଜୁରେ ।
ଆଉ ନିଜ ଠିକଣା
ହଜାଇ ଦେବାକୁ
ନିଃଶବ୍ଦ ଶବ୍ଦ ଭିତରେ।
ତେଣୁ ତ
ନିଜକୁ ନିଜେ
ବାରମ୍ବାର ହତ୍ୟା କରେ
ଶବ୍ଦରେ ଶବ୍ଦରେ।
ତଥାପି ବ ଯାଇଛି ମୁଁ
ଶବ୍ଦଙ୍କ ଆୟୁଷ ଭିତରେ।
ହେଲେ ମୋ ସ୍ୱପ୍ନମାନେ
କେବେଠୁ ନିଜକୁ
ଝୁଲାଇ ସାରିଛନ୍ତି
ଫାଶୀ ଖୁ ରେ।

*ଦାମୋଦରପୁର, ଗଂଜାମ*
*ମୋ:୮୮୯୫୧୪୧୭୨୭*

## କାହିଁକି କେଜାଣି ଚାଲିଗଲ ରୁଷି...?

*କବିରତ୍ନ ନୂତନ କୁମାର ବେହେରା*



କାହିଁକି କେଜାଣି ଚାଲିଗଲ ରୁଷି
କାରଣ କ'ଣ...ଭାବୁଛି ବସି
କିଛି ତ ନଥିଲା ମନୋମାଳିନ୍ୟ
ତୁମର ପଦିଏ କଥାକୁ ବି
କରିନି ଅମାନ୍ୟ
ପାଉଥିଲି ଏତେ ଭଲ ହୃଦୟ ଦେଇ
ଚାଲୁଥିଲି ତୁମର ମନ ନେଇ
ନ କହି କିଛି ଚୁପ୍ ଚାପ୍ ରହିଲ
ମୁହଁଟାକୁ ମଳିନ କରି ବଲ ବଲ ଚାହିଁଲ
ଉଭେଇ ଗଲା ଆସୁଥିବା
ଯେତେ ହସ ଖୁସି
କାହିଁକି କେଜାଣି ଚାଲିଗଲ ରୁଷି
କହି ପାରିଲନି ଭରସା ବିଶ୍ୱାସ ରଖି
ବୁଝିଲନି ମୋ ଆଖିର ସପନକୁ ଦେଖି
ତୁମକୁ ତ କେବେ ବାଧ କରି ନଥିଲି
ଭଲ ପାଅ ବୋଲି ମୋତେ
ତୁମ ତରଫରୁ କରିଥିଲ ଆହ୍ୱାନ
ମାନି ନଥିଲ କିଛି ବୁଝାଇଥିଲି ଯେତେ
କଥା ଦେଲ ସଂକଳ୍ପ କଲ
ରାଣ ବି ପକାଇଲ ମୁଣ୍ଡ ଛୁଇଁ
କହିଲ ଆମେ ଦୁହେଁ ଦୁହିଁଙ୍କ ପାଇଁ
ଏକାଠି ଜିଇଁବା ଏକାଠି ମରିବା
ଆସିଲେ ଆସୁ ଯେତେ ଝଡ଼ ଝଞ୍ଜା
ବାଟ ଯାକ ହାତ ଧରାଧରି
ହୋଇ ଚାଲିବା
ଦୋଷ ନକରି ନିଜକୁ ଲାଗେ ଦୋଷୀ
କାହିଁକି କେଜାଣି ଚାଲିଗଲ ରୁଷି
ଏବେ ବି ମୁଁ ତୁମର ଅପେକ୍ଷାରେ ଅଛି
ସତରେ ଯଦି ରୁଷିଥିବ ମିଛି ମିଛି
ଫେରି ଆସିବ ଭାଙ୍ଗି ତୁମର ଅଭିମାନ
ଆରେ ସାମାନ୍ୟ ନୁହେଁ ଏ ଜୀବନ
ଧୈର୍ଯ୍ୟ ସହିଷ୍ଣୁତା ଭାବ ନଥିଲେ ମନେ
ହାରି ହାରି ଯାଉଥିବ ପ୍ରତି କ୍ଷଣେ
ବିଚାର କର ଧିର ସ୍ଥିରରେ
ଅହଂଭାବ ନାଶି
କାହିଁକି କେଜାଣି ଚାଲିଗଲ ରୁଷି... ?

*କୋହି, ବାରିପଦା, ମୟୂରଭଞ୍ଜ*
*ଦୂରଭାଷ --୮୦୧୮୩୫୩୩୨୨*

## ସୁଖରେ କରିବା ବାସ :

*ରମେଶ ଚନ୍ଦ୍ର ନାୟକ*



ହୃଦେ ଧରି ନିଆଁ କାନ୍ଦୁଛି ଜଙ୍ଗଲ
ମୋତେ ଜାଳ ନାହିଁ ହାତ ଯୋଡୁଛି,
ମୁଣ୍ଡ ପାତି କରି ଗୁହାରି କରଇ
କାଟ ନାହିଁ ବୋଲି ଦୁଖେ କହୁଛି ।

ଦିଅ ନାହିଁ କଷ୍ଟ କୋଳରେ ଆଶ୍ରିତ
ପଶୁ ପକ୍ଷୀ କୀଟ ଅଛନ୍ତି ଯେତେ ,
ବଣ ଗଲେ ଜଳି ଦୁନିଆ ଉଜୁଡି
ଯିବ ବୋଲି ଭାବ ବିଚାରି ଚିତ୍ତ ? ।

ସ୍ୱାର୍ଥପର ହୁଅ ନାହିଁ ହେ ମାନବ
କର ନାହିଁ କ୍ଷତି ନିଜେ ନିଜର ,
ପ୍ରକୃତି କୋଳରେ ଭରେ ସବୁଜିମା
ପରିବେଶ ରଖେ ସଫା ସୁତୁର ।

ଛୁଟି ଆସିଥାନ୍ତି କେତେ ପର୍ଯ୍ୟଟକ
ରୂପ ସୌନ୍ଦର୍ଯ୍ୟକୁ ଦେଖିବା ପାଇଁ ,
ଝରଣା ପାହାଡ଼ ପଶୁ ପକ୍ଷୀ ରଡ଼
ଯିଏ ଶୁଣେ ମନ ଲାଗି ରହଇ ।

ଜୀବନ ଜୀବିକା ବଞ୍ଚିଥିବ ଏକା
ପ୍ରଶ୍ୱାସରେ ନେବ ବିଶୁଦ୍ଧ ବାୟୁ ,
ଜଙ୍ଗଲ ରହିଲେ ଜଗତ ତିଷ୍ଠିବ
ବଢ଼ି ଯିବ ପରା ସଭିଙ୍କ ଆୟୁ ।

ଜୀବ ସୁରକ୍ଷିତ ପରିବେଶ ସୁସ୍ଥ
ରଖିବା ପାଇଁକି କର ପ୍ରୟାସ ,
ନିଆଁ ନ ଲଗାଇ ଗଛ ଲଗାଇଲେ
ସଭିଏଁ ସୁଖରେ କରିବା ବାସ ।

ଦରଭା , ମଙ୍ଗଳପୁର ,
ଯାଜପୁର
ମୋ :- ୭୯୭୮୧୫୧୭୧୦ .


# ଫେରାଇ ଦିଅ ସେହି ଦିନ

*ପ୍ରଦୀପ୍ତ କୁମାର ମିଶ୍ର*

କାହିଁସେହି ଥକାମରା ବରଗଛ ମୋଗାଁ ମୁଣ୍ଡରେ
ଯେଉଁଠି ଏବେ ବଡଛକ ପାନଚାହା ଦୋକାନ ଭିଡରେ।
କାହିଁ କିଆଗୋହିରୀ ଆଉ ବୁଦା କଣ୍ଟାବାଉଁଶର
ଯେଉଁଠି ଶିଆଳଟା ତାର ପରିବାରଧରି କରିଥିଲାଘର।
କାହିଁ ଶୁଭୁନାହିଁ ଚାନ୍ଦିନୀବୋଉର ଗାଳିମିଶାସ୍ୱର
ସମସ୍ତଙ୍କୁ କରୁଥିଲା ସଂସାରର ସଂସ୍କାରମିଶାର ଆକଟ
ଏବେଆଉନାହିଁ ଯୌଥ ପରିବାର ନାହିଁସେ ସୁଖତ
ଯାହାଠାରେ ସବୁବେଳେ ଚଳଚଳ ଥିଲାପରା ଥାଟବାଟ।
କାହିଁ ସେହି ସରମି ବେସଲଖ ରାସ୍ତାଟିତ ଏବେ
ଦେଖିଥିଲା ପ୍ରସୂତିର ଯନ୍ତ୍ରଣା ପୁଣିତା ଶେଷ ଯାତ୍ରାରଦୃଶ୍ୟ
କାହିଁସେହି ଦଳଭରା ବାଉଁଶ ଆଖିଆ ଗଡ଼ିଆଟି
ସାକ୍ଷିଥିଲାକୂଳତାର ଦଶଆଟିକାଧରି ହୋଇଥିଲାଅସ୍ପୃଶ୍ୟ।
କାହିଁସେ ଚଢ଼ପା ?ପିଣ୍ଡ୍ରା ନିଶୁଆ ହଳିଆ ମୁଲିଆ
ମୋଟା ମୋଟା ବିରିପିଠାସହ ଚାହାପାଣି ପିଆର ଦୃଶ୍ୟ
ଏବେଖାଲି ଅଟ୍ଟାଳିକାଓ ଭଡାଟିଆଙ୍କ ଅନେକଭିଡ଼
ଗାଁଟାସିନାଏଠି ମୋର କରେ ସହରର ଭ୍ରମତ ଅବଶ୍ୟ।
କିଏନେଲା ଭାଗବତଟୁଙ୍ଗିକି ଗାଁଠାରୁ ଅଲଗା କରି
ପୋଥିସବୁ କେମିତି ଯେ ହୋଇଗଲେ କାହିଁ ଅପାନ୍ତର
ସେଠିଆଜି ବେକାରଙ୍କ ମିଳନ ତାସ କ୍ୟାରମ ଆଡା
ସମସ୍ତେକହନ୍ତି ଏନୁହେଁକିଛି ଏମାତ୍ରଆଧୁନିକ ରୂପାନ୍ତର।
ଆକାଶରେ ଅନେକ ବଜ୍ରବିଜୁଳି କାହିଁ ସେହି ରକ୍ଷକ
ଯେଉଁ ତାଳଗଛମାନେ ସଦର୍ପ ରେ ହୋଇଥିଲେ ଠିଆ
ଏବେସବୁଆଡ୍ରେ କଂକ୍ରିଟର ଡାଳରେ ହାଲିଆ ମାଟି
ନାହିଁ ଆଜି କଣ୍ଟାବାଆଁସି କିଆବୁଦା ସାଥେ କୁମ୍ଭାଟିଆ।
କାହିଁସେ ମନମିଶା ଅରୁଆ ଡାଲମା ଏକାଠି ପଙ୍ଗତ
ଯେଉଁଥିରେ ଥିଲା ଜେଜେନାତି ଦାଦାପୁତୁରାଙ୍କମିଳନ
ଏବେ ଏକାଠି ଅଛି ହେଲେ ଯେମିତିନାହିଁ ସେଠାରେ
ଟିକିଏହେଲେବି ନାହିଁକାହିଁ ସେଠାରେ ଗାଆଁରପରାଣ।
ଗାଆଁ ମୋର ଗାଆଁ ହୋଇନାହିଁ ହୋଇନିତ ସହର
ତଥାପି ଖୋଜୁଛି ସଦାସର୍ବଦା ଏଠି ପିଲାବେଳ ମୋର
ଫେରିବକି ଆଉସେ ସୁଦିନ ଆଉସେ ଅତୀତସମସ୍ତ
ପୁଣିଥରେ କରିଦେବ ମାଟିମନସ୍କତ ମନକୁ ବାରମ୍ବାର।

*ଅରେଇ, ଯାଜପୁର ୯୬୫୮୬୧୪୭୨୮*

## ବଂଶୀବାଦକ



ଆଃ, ଏ କେଉଁ ମରଣ ମୋର ମାଗିନେଲି ମୁଁ ବଂଶୀବାଦକ,
ତୁମ ସହ ଅଦୃଶ୍ୟରେ ଛଳକରି ନିଜ ଲୁହ ନିଜେ ପିଇଗଲି ।
ବଂଶରେ ଗ୍ରହଣ ଦେଲି ସେତେବେଳେ ବଂଶୀ ବି ନିର୍ବାକ ,
ଥରେ ଆସ , ତୁମର ଆସିବା ସହ ମୋ ଜୀବନ ମୃତ୍ୟୁକୁ ଯୋଡିଲି।
ଏ ବଂଶୀ ବି ହାତରେ ରହୁନି ଆଉ ଥରଥର ଓଠରେ ରହୁନି ,
ସେ ବୋଧେ ଜାଣିଗଲାଣି ମୁଁ ହଟିଆ ଯେତେସବୁ ଦୁଃଖର କାରଣ
ମୋ ମୃତ୍ୟୁକୁ ମୋ ବଂଶୀରେ ସୁରଦେଇ ମୁଁ ଡାକି ପାରିନି ,
ଯେ ହେତୁ ସେ ଜାଣି ଗଲାଣି ହେବ, ଏଠି ପୁଣି କା' କଳା ହରଣ ।
ମୁଁ କଣ ଜାଣିଥିଲି ଅଚାନକ ମୃତ୍ୟୁ ହେବ ମାଗିବା ମାତ୍ରକେ ,
ଏତେ ସ୍ୱାର୍ଥପର କିଏ ଅଷ୍ଟପାଟବଂଶୀ ଆଉ ତୁମକୁ ବିସ୍ମରି
ଅଚାନକ ମୋହ କାଟି ଫେରିଯିବ କେଉଁ ମାୟାଲୋକେ ,
ଶିଉଳି ଲତାରେ ଶୋଇ ନିଜ ଭାଗ୍ୟ , ଶୋକକୁ ଆଦରି ।
ପାରିବତ ଭୁଲିଯିବ ଏଠି କେବେ ତୁମ ପାଇଁ ମୁଁ ବଂଶୀବାଦକ...
ଅଶ୍ରୁ ଆଉ ଅବସୋସେ ସମର୍ପିଛି ପ୍ରିୟ ମୋର ପ୍ରଣୟ ସାୟକ ।

କଟକ
ମୋ-୯୯୩୭୨୨୨୧୨୨




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଲିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ । ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି । କଲେଜଗୁଡ଼ିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡ଼ା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ । ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଭ୍ରାନ୍ତିହୀନ କ୍ରାନ୍ତିକାରୀ ପ୍ରାଣନାଥ



ମାନବ ସମାଜର ଅଗ୍ରଗତି ପଥରେ ଯେଉଁସବୁ ପ୍ରତିବନ୍ଧକ ରହିଛି ତାକୁ ହଟାଇ ସ୍ଥିତାବସ୍ଥା ବଦଳରେ ନୂତନ ପ୍ରଗତିଶୀଳ ବ୍ୟବସ୍ଥାକୁ ଯିବାର ନାମ କ୍ରାନ୍ତି । ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ ଥିଲେ ଏହି କ୍ରାନ୍ତି ପଥର ଯାତ୍ରୀ । ତେଣୁ ସେ ଥିଲେ କ୍ରାନ୍ତିକାରୀ । ଅତି ସରଳ ଭାବରେ ବୁଝିବାକୁ ଗଲେ ସେ ଥିଲେ ଜଣେ ଉତ୍ସର୍ଗୀକୃତ ସଂଗ୍ରାମୀ, ସମାଜ ସଂସ୍କାରକ, ବାମପନ୍ଥୀ ଚିନ୍ତାଧାରାର ପ୍ରବକ୍ତା, ପ୍ରଗତିବାଦର ଜନନେତା, ଶିକ୍ଷାର ପ୍ରସାରରେ ଅଗ୍ରଣୀ, ଆସନ୍ତାକାଲିର ସାହିତ୍ୟ ଲେଖକ।

ଗୋଟିଏ ସମ୍ଭ୍ରାନ୍ତ ବଂଶରେ ଜନ୍ମଲାଭ କରି ଉଚ୍ଚଶିକ୍ଷା ଲାଭ କରିଥିବା ଯୁବକ ପ୍ରାଣନାଥ ପଟ୍ଟନାୟକ ଉଚ୍ଚ ଚାକିରିର ମୋହ ତ୍ୟାଗ କରି ଐତିହାସିକ ଆବଶ୍ୟକତାର ଆହ୍ୱାନକୁ ସ୍ୱାଗତ ଜଣାଇ ଏବଂ ଗାନ୍ଧି, ଗୋପବନ୍ଧୁଙ୍କୁ ନିଜ ଜୀବନର ଆଦର୍ଶ ରୂପେ ଗ୍ରହଣ କରିନେଇ ଜାତୀୟ ମୁକ୍ତି ଆନ୍ଦୋଳନକୁ ଲମ୍ଫ ଦେଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଥିଲେ କ୍ରାନ୍ତିକାରୀ ଓ କ୍ରାନ୍ତିପଥର ପଥିକ । ୧୯୩୬ରେ ଓଡ଼ିଶାରେ କୃଷକ ସଙ୍ଗଠନ ଗଠିତ ହେଲା । ପ୍ରାଣନାଥ ପଟ୍ଟନାୟକ ସେହି ସଙ୍ଗଠନର ମୁଖ୍ୟ କର୍ତ୍ତା ଭାବେ ରହିଥିଲେ । ଦୀର୍ଘବର୍ଷ ଧରି ରାଜ୍ୟ କୃଷକ ସଭାର ସେ ସଭାପତି ରହି କୃଷକ ଆନ୍ଦୋଳନକୁ ନେତୃତ୍ୱ ଦେଉଥିଲେ । ମାର୍କ୍ସବାଦର ବୈଜ୍ଞାନିକ ସାମ୍ୟବାଦ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ କଲିକତାରେ କମ୍ୟୁନିଷ୍ଟ ପାର୍ଟି ଗଠିତ ହେଲା । ଭଗବତୀ ଚରଣ ପାଣିଗ୍ରାହୀ ଏହାର ସମ୍ପାଦକ ରହିଥିଲେ । ତେଣୁ ଓଡ଼ିଶାରେ କମ୍ୟୁନିଷ୍ଟ ପାର୍ଟିର ସେ ଥିଲେ ଅନ୍ୟତମ ସ୍ରଷ୍ଟା ।

ସ୍ୱାଧୀନତା ପରେ ମଧ ସେ ଦୀର୍ଘଦିନ ଆତ୍ମଗୋପନ କରି ଶେଷରେ ୧୯୪୮ରୁ ୫୨ ପର୍ଯ୍ୟନ୍ତ ଅଟକବନ୍ଦୀ ହୋଇ ରହିବା ସହିତ ୧୯୬୪ରେ ଦରଦାମ ବୃଦ୍ଧି, ବ୍ୟାଙ୍କ ଜାତୀୟକରଣ, ରଜାଙ୍କ ଭତ୍ତା କାଟ ଦାବି ନେଇ ଆନ୍ଦୋଳନ କରି ଦୀର୍ଘ ଛଅ ମାସରୁ ଉର୍ଦ୍ଧ୍ୱକାଳ ବନ୍ଦୀ ଜୀବନ କଟାଇଥିଲେ । ସେ ଜଣେ ନିର୍ଭୀକ ସଂଗ୍ରାମୀ ଭାବେ ଏସବୁ ଦଣ୍ଡକୁ ସହ୍ୟକରି ନେଉଥିଲେ। ଖୋର୍ଦ୍ଧାବାସୀଙ୍କ ଶ୍ରଦ୍ଧା ପାଇ ସେ ଓଡ଼ିଶା ବିଧାନସଭାକୁ ୧୯୩୬/୩୭ରେ ଓ ସ୍ୱାଧୀନତା ପରେ ୧୯୫୭ରେ ବିଧାୟକ ଭାବେ ନିର୍ବାଚିତ ହୋଇ ଆସିଥିଲେ । ଜଣେ ବିଧାୟକ ଭାବେ ତାଙ୍କର ଯଥେଷ୍ଟ ସମ୍ମାନ ଓ ଖ୍ୟାତି ଥିଲା । ପ୍ରାଣନାଥ ପଟ୍ଟନାୟକ କେବଳ ଏକ ନାମ ନୁହେଁ । ଏହା ଏକ କ୍ରାନ୍ତିକାରୀ ସଙ୍ଗଠନ, ଏକ କ୍ରାନ୍ତିକାରୀ ତତ୍ତ୍ୱ, ଏକ କ୍ରାନ୍ତିକାରୀ ଇତିହାସ। ଆଗକୁ ଆଲୋକ ଦେଖାଉଥିବା ଏକ ଉଜ୍ଜ୍ୱଳ ନକ୍ଷତ୍ର ।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧ୍ୟାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## କଂଗ୍ରେସ କର୍ମୀଙ୍କୁ ପିସିସି ସଭାପତିଙ୍କ ଧନ୍ୟବାଦ ଜ୍ଞାପନ

ରାଉରକେଲା (ପିଏନ୍): ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ତାଙ୍କର ୩ ଦିନିଆ ରାଉରକେଲା ଓ ସୁନ୍ଦରଗଡ ଗସ୍ତ ସାରି ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ତାଙ୍କର ଏହି ଗସ୍ତ କାଳରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ହଜାର ହଜାର ସଂଖ୍ୟାରେ କଂଗ୍ରେସ କର୍ମୀ ତାଙ୍କୁ ସ୍ୱାଗତ କରି ସମ୍ବର୍ଦ୍ଧିତ କରିଥିଲେ । ସେହିପରି ସୁନ୍ଦରଗଡ ଜିଲ୍ଲା କଂଗ୍ରେସ ତରଫରୁ ମଧ ସୁନ୍ଦରଗଡରେ ଶ୍ରୀ ପଟ୍ଟନାୟକଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ରାଜଗାଙ୍ଗପୁରରେ ମଧ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଉଭୟ ଜିଲ୍ଲା କଂଗ୍ରେସର କର୍ମକର୍ତ୍ତା ଓ କର୍ମୀ ତଥା ବରିଷ୍ଠ କଂଗ୍ରେସ ନେତୃବୃନ୍ଦ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ, କଂଗ୍ରେସ ସେବାଦଳ, କଂଗ୍ରେସର ଏସ୍‌ଟି ସେଲ୍, ଏସ୍‌ସି ସେଲ୍, ଓବିସି ସେଲ୍, ସଂଖ୍ୟାଲଘୁ ସେଲ୍, ଲିଗାଲ ସେଲ୍, କିସାନ ସେଲ୍, ମତ୍ସ୍ୟଜୀବି ସେଲ୍, ଅସଙ୍ଗଠିତ ଶ୍ରମିକ ସେଲ୍, ଆଇଏନ୍‌ଟିୟୁସି ଇତ୍ୟାଦିର ସମସ୍ତ କର୍ମକର୍ତ୍ତା ଓ କର୍ମୀମାନେ ଶ୍ରୀ ପଟ୍ଟନାୟକଙ୍କୁ ଯେପରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଅତି ସୁନ୍ଦର ଭାବରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋନଜ କଲେ ସେଥିପାଇଁ ଶ୍ରୀ ପଟ୍ଟନାୟକ ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏହିସବୁ କାର୍ଯ୍ୟକ୍ରମକୁ ଯେପରି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ପୁଲିସ୍ ପ୍ରଶାସନ ତଥା ସହରବାସୀଙ୍କ ତରଫରୁ ବିଶେଷ ସହଯୋଗ ମିଳିଲା ସେଥିପାଇଁ ସେମାନଙ୍କୁ ଶ୍ରୀ ପଟ୍ଟନାୟକ ବିଶେଷ ଧନ୍ୟବାଦ ଜ୍ଞାପନ କରିଛନ୍ତି ବୋଲି ଏକ ପ୍ରେସ୍ ବିବୃତିରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ କୁହାଯାଇଛି ।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥଇ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦ୍ଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମହିଳା ଓ ଶିଶୁ ଡେସ୍କ ଅଧିକାରୀଙ୍କ କର୍ମଶାଳା

ବାଲେଶ୍ୱର (ପିଏନ୍)- ରାଜ୍ୟ ପୁଲିସ ବିଭାଗ ଅଧୀନରେ ଥିବା ଥାନାଗୁଡ଼ିକରେ ଖୋଲିଥିବା ମହିଳା ଓ ଶିଶୁ ଡେସ୍କରେ କର୍ମରତ ପୁଲିସ କର୍ମଚାରୀମାନଙ୍କର ଦୁଇଦିନିଆ କର୍ମଶାଳା ନୋସୀ ବିଜନେସ ପାର୍କ ସମ୍ମିଳନୀରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ଅତିଥି ଭବେ ବିଭାଗୀୟ ଏ.ଡ଼ି.ଜି ରେଖା ଲୋହାନି, ସମ୍ମାନିତ ଅତିଥି ଭାବେ ପୂର୍ବାଞ୍ଚଳ ରେଞ୍ଜ ଆଇ.ଜି ହିମାଂଶୁ ଲାଲ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଧାଂଶୁ ଶେଖର ମିଶ୍ର ପ୍ରମୁଖ ଶିଶୁ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ଏତଲା ଥାନାରେ ଦେବାପରେ ଡେସ୍କ ପକ୍ଷରୁ କିଭଳି ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୁଝାଇଥିଲେ। ଚାଇଲ୍ଡ ଲାଇନ ଓ ୟୁନିସେଫର ବୈଷୟିକ ସହଯୋଗରେ ଆୟୋଜିତ କର୍ମଶାଳାରେ ଚାଇଲ୍ଡ ଲାଇନ ପକ୍ଷରୁ ନିଯୁକ୍ତ ରିଶୋର୍ସ ପର୍ସନ ତଥା ଟ୍ରେନର କେ. ରମେଶ, ରାଜୁ କୋଟାଇ ଏବଂ ଆରକା ଲାହା ପ୍ରମୁଖ ଭଦ୍ରକ ଯାଜପୁର ଓ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଥାନାରୁ ଆସିଥିବା ପୁଲିସ ଅଧିକାରୀମାନେ ଉପସ୍ଥିତ ରହି ଟ୍ରେନରମାନଙ୍କ ବିଭିନ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦେଇଥିଲେ। ଟ୍ରେନରମାନେ ମୁଖ୍ୟତଃ ୩୫ଟି ପ୍ରସଙ୍ଗ ଉପରେ ବୁଝାଇଥିଲେ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ବାଲିଘାଟ ନିଲାମ ବନ୍ଦ ପାଇଁ ହାଇକୋର୍ଟରେ ମାମଲା

କୋରେଇ, (ପିଏନ)- ଯାଜପୁର ଜିଲ୍ଲା କୋରାଇ ବ୍ଲକ ମୂଳାପାଳ ପଂଚାୟତ ଅନ୍ତର୍ଗତ ରଣପାଳ ଓ ଧନତ୍ରୀ ମୌଜାର ବୈତରଣୀ ନଦୀରେ ବାଲିଘାଟ ନିଲାମ ପାଇଁ ରାଜସ୍ୱ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ନକରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ତହସିଲଦାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଥିଲା । ପରେ ଦୁଇ ରଣପାଳ ଓ ଧନତ୍ରୀ ବାଲିଘାଟ ନିଲାମ ବନ୍ଦ କରିବା ନେଇ ଗ୍ରାମବାସୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଏନେଇ ଡବ୍ଲୁ. ପି. (ସି) ୨୨୭୨୫ରେ ମାମଲା ରୁଜୁ କରାଯାଇଛି । ବୈତରଣୀ ନଦୀର ଏହି ବାଲିଘାଟ ନିଲାମ ଦ୍ୱାରା ନଦୀବନ୍ଧ ପ୍ରତି ବିପଦ ସହ ବନ୍ୟାପ୍ଲାବିତ ଏହି ପଂଚାୟତର କ୍ଷିରୋ, ସରସଦା ଧନତ୍ରୀ, ଗୋବିନ୍ଦପୁର, ରଣପାଳ ସମେତ ଅନେକ ଗ୍ରାମ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ସୃଷ୍ଟି ହୋଇଛି । ତେଣୁ ବିପଦ ଦୃଷ୍ଟିରୁ ଏହି ନିଲାମ ବନ୍ଦ କରିବାକୁ ଅଭିଯୋଗରେ ଦର୍ଶାଯାଇଛି । ଏହା ସହିତ ନଦୀ ପଠାରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିର କ୍ଷତିଗ୍ରସ୍ତ ହେବ ।

ଏନେଇ ରଣପାଳ ଗ୍ରାମର କିଶୋର ଚନ୍ଦ୍ର ପାଳ, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ଅଭିମନ୍ୟୁ ପାଳ, ଉପେନ୍ଦ୍ର ବେହେରା, ପ୍ରତାପ ମଲ୍ଲିକ, ଦୁର୍ଗାପ୍ରସାଦ ପଣ୍ଡା ପ୍ରମୁଖ ଓଡିଶା ସରକାର ପଂଚାୟତରାଜ ପ୍ରିନିସପାଲ ସେକ୍ରେଟାରୀ, ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରିନିସିପାଲ ସେକ୍ରେଟାରୀ, କଲେକ୍ଟର ଯାଜପୁର, ସବକଲେକ୍ଟର ଯାଜପୁର ଓ ତହସିଲଦାରଙ୍କୁ ପକ୍ଷଭୁକ୍ତ କରାଯାଇ ହାଇକୋର୍ଟରେ ମାମଲା ରୁଜୁ କରିଛନ୍ତି । ପରବର୍ତ୍ତି ଶୁଣାଣୀ ପର୍ଯ୍ୟନ୍ତ ନିଲାମ ବନ୍ଦ କରିବାକୁ ହାଇକୋର୍ଟ ଜିଲ୍ଲାପାଳ ଯାଜପୁରଙ୍କୁ ଅବଗତ କରିଛନ୍ତି ।

# ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କୁ ପଦୋନ୍ନତି

କଣାସ, (ପିଏନ)- ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପକ୍ଷରୁ ହାଇସ୍କୁଲ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କିତ ସରକାରୀ ତାଲିକା ପ୍ରକାଶ ପାଇଛି । କିନ୍ତୁ ଏହି ତାଲିକାର ସଠିକତା ନେଇ ବୁଦ୍ଧିଜୀବି ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । କାରଣ ଏହି ତାଲିକାରେ କଣାସ ବ୍ଲକରୁ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ୯ ମାସ ହେଲା ଅବସର ନେଇଯାଇଥିବା ବେଳେ ସେମାନଙ୍କୁ ପଦୋଉନ୍ନତି ଦିଆଯାଇଥିବା ଜଣାପଡିଛି । ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ନଂ- ୧୯୦୭୦ ତାରିଖ ୧୧.୦୯.୨୦୨୦ରିଖରେ ପୁରୀ ଜିଲ୍ଲାର ୯୨ ଜଣ କନିଷ୍ଠ ବର୍ଗ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ପଦୋନ୍ନତି ମିଳିଛି । ଉପୋଉନ୍ନତି ସାଙ୍ଗକୁ ସେମାନଙ୍କୁ ସେହି ବିଦ୍ୟାଳୟ ଅଥବା ଅନ୍ୟ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । କିନ୍ତୁ, ଏହି ତାଲିକାର କ୍ରମିକ ନଂ-୫୮ରେ ଥିବା ଜମ୍ମେଶ୍ୱର ସାମନ୍ତରାୟ ଗଡସାନପୁଟ ହାଇ ସ୍କୁଲରୁ ଗତ ଜାନୁଆରି ମାସରେ ଅବସର ନେଇଯାଇଥିବା ବେଳେ ସେହି ତାଲିକାର କ୍ରମିକ ନଂ-୬୧ରେ ଥିବା କାଦୁଆଖାଟ ଏକାଡେମୀର ରମେଶ ଚନ୍ଦ୍ର ମିଶ୍ର ଗତ ବର୍ଷ ମଇ ମାସରେ ଆରପାରିକୁ ଚାଲିଗଲେଣି । ଅବସର ନେବା ୮ମାସ ଅଥବା ମୃତର ଦେଢ ବର୍ଷପରେ ସରକାରୀ ନିର୍ଦ୍ଦେଶାନାମା ଅନୁଯାୟୀ ମୃତ ଏବଂ ଅବସରପ୍ରାପ୍ତ ଶିକ୍ଷକଦ୍ୱୟ କିପରି ଦାୟିତ୍ୱ ଗ୍ରହଣ କରିବେ ଏହାକୁ ହିଁ ବୁଦ୍ଧିଜୀବିମାନେ ଅପେକ୍ଷା କରିରହିଛନ୍ତି ।

# ମହିଳା ସାଥି ନିଯୁକ୍ତି ବାତିଲ୍ ନହେଲେ ଆନ୍ଦୋଳନ କରିବେ ଗାଁ ସାଥି

କେନ୍ଦ୍ରାପଡା, (ପିଏନ)- ନିଖିଳ ଓଡିଶା ଗାଁ ସାଥି ସଂଘ କେନ୍ଦ୍ରାପଡା ଶାଖା ପକ୍ଷରୁ ମହିଳା ସାଥି ନିଯୁକ୍ତି ବାତିଲ୍ ପାଇଁ ଦାବି କରାଯାଇଛି । ନିଯୁକ୍ତି ବାତିଲ୍ କରା ନଗଲେ ଚଳିତ ମାସ ୧୮ ତାରିଖରେ ଜିଲ୍ଲାପାଳ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ କରାଯିବ ବୋଲି ଜିଲ୍ଲା କମିଟି କର୍ମକର୍ତା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ରର ଦାବି ମୁତାବକ ଏମ ନରେଗା କାର୍ଯ୍ୟ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଦୁଇ ଜଣ ଉଚ୍ଚ ଶିକ୍ଷିତ ଗାଁ ସାଥିଙ୍କୁ ନିଯୁକ୍ତି ଦେଇଥିଲେ । ଚୁକ୍ତି ମୁତାବକ ସେମାନଙ୍କୁ ଥଇଥାନ କରା ନଯାଉଣୁ ପୁନର୍ବାର ପ୍ରତ୍ୟେକ ଗ୍ରାମରେ ଦୁଇଜଣ ମହିଳାଙ୍କୁ ନିଯୁକ୍ତି ଦେବାପାଇଁ ବିଜ୍ଞାପନ ବାହାର କରାଯାଇଛି । ଏହାକୁ ତୁରନ୍ତ ପ୍ରତ୍ୟାହର କରିବା ପୂର୍ବରୁ ଥିବା ଗାଁ ସାଥି ମାନଙ୍କୁ ତାଲିମ୍ ପ୍ରଦାନ କରି ଖାଲିଥିବା ସରକାରୀ ଚାକିରୀରେ ନିଯୁକ୍ତି ଥିବା, ପ୍ରତ୍ୟେକ ଗ୍ରାମରେ ପ୍ରବାସୀ ଶ୍ରମିକ ଓ ବେକାର ଯୁବକ ଯୁବତୀଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା ପ୍ରଭୃତି ୫ ଦଫା ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତଙ୍କୁ ପ୍ରଦାନ କରାଯାଇଛି । ସଂଘର ଉପଦେଷ୍ଟା ଆଇନଜୀବି ରମଣୀ ରଞ୍ଜନ ରାଉତରାୟ, ସଭାପତି ପ୍ରମିଳା ସାମଲ, କ୍ଷିରୋଦ କୁମାର ଖଟୁଆ, ନିତ୍ୟ ସୁନ୍ଦର ଜେନା, ଉପେନ୍ଦ୍ର ସାହୁ, ମୁକୁନ୍ଦ ମହାପାତ୍ର, ରବିନ୍ଦ୍ର ରାଉତ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# ଶ୍ରମିକ ବିରୋଧି ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇବା ପାଇଁ ଶ୍ରମିକ କର୍ମଚାରୀ ବଦ୍ଧ ପରିକର




ଭୁବନେଶ୍ୱର,୨୭।୧୦(ପି.ଏନ): କେନ୍ଦ୍ରରେ ବି.ଜେ.ପି ସରକାର ଏବଂ ରାଜ୍ୟରେ ବି.ଜେ.ଡ଼ି ସରକାର କୃଷକ କର୍ମଚାରୀ ବିରୋଧି ହୋଇଥିବାରୁ ଆଗାମୀ ବାଲେଶ୍ୱର ଓ ତ୍ରିତୋଲ ବିଧାନସଭା ଉପନିର୍ବାଚନରେ ବି.ଜେ.ପି ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀ ମମତା କୁଣ୍ଡୁ ଓ ଜଗତସିଂହପୁର ପ୍ରାର୍ଥୀ ହିମାଂଶୁ ମଲ୍ଲିକଙ୍କୁ ଜିତାଇବା ପାଇଁ ଗତ ତା. ୨୨.୧୦.୨୦୨୦ ରିଖରେ ବାଲେଶ୍ୱର ଦୁର୍ଗା ଗାର୍ଡେନ ଠାରେ ଜାତୀୟ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ଉପସଭାପତି, ଓଡ଼ିଶା ଶାଖାର ସଭାପତି ତଥା ପ୍ରାକ୍ତନ ସାଂସଦ ଡକ୍ଟର ରାମଚନ୍ଦ୍ର ଖୁଂଟିଆଙ୍କ ପୌରାହିତରେ ଅନୁଷ୍ଠିତ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଆଂଚଳିକ ସମ୍ମିଳନୀରେ ନିଷ୍ପତି ନିଆଯାଇଛି । ଏହି ସମ୍ମିଳନୀରେ ଏ.ଆଇ.ଟି.ୟୁ.ସି., ସି.ଆଇ.ଟି.ୟୁ.,ଏଚ.ଏମ୍.ଏସ୍. ଏ.ଆଇ.ସି.ସି.ଟି.ୟୁ ପ୍ରଭୃତି ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନକୁ ଶ୍ରମିକ କର୍ମଚାରୀ ବିରୋଧି ବି.ଜେ.ପି. ଓ ବି.ଜେ.ଡ଼ି ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଦଳର ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରାଯାଇଛି । ଏହି ସମ୍ମିଳନୀକୁ ବିଧିବଧ ଭାବେ ଉଦ୍‌ଘାଟନ କରି ଅଖିଳ ଭାରତ କଂଗ୍ରେସ କମିଟିର ସାଧାରଣ ସଂପାଦକ ତଥା ସାଂସଦ ଡକ୍ଟର ଏ. ଚେଲ୍ଲା କୁମାର କହିଥିଲେ ଯେ, ରାଷ୍ଟ୍ରୀୟ ମଜଦୁର କଂଗ୍ରେସ କେବଳ ଭାରତ ନୁହେଁ ସାରା ପୃଥିବୀରେ ବୃହତମ ଶ୍ରମିକ ସଂଗଠନ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଭାରତ ବର୍ଷରେ ପ୍ରଣିତ ସମସ୍ତ ଶ୍ରମ ଆଇନ ଗୁଡ଼ିକୁ ପ୍ରଣୟନ କରିବା ପାଇଁ ମୁଖ୍ୟ ଭୂମିକା ନେଇଥିଲେ । ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ରାଜନୈତିକ ଦୃଷ୍ଟି କୋଣରୁ କଂଗ୍ରେସକୁ ସମର୍ଥନ କରୁଥିଲେ ହେଁ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ପାଇଁ କଂଗ୍ରେସ ସରକାରଙ୍କ କାର୍ଯ୍ୟକୁ କେବେ ପ୍ରତିବାଦ କରିବା ପାଇଁ ପଛାଇ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ଶ୍ରମିକ କର୍ମଚାରୀ ଓ ଚାଷୀ ବିରୋଧି ମୋଦୀ ଓ ନବୀନ ପଟ୍ଟନାୟକଙ୍କ ପ୍ରାର୍ଥୀଙ୍କୁ ବାଲେଶ୍ୱର ଓ ତ୍ରିତୋଲରୁ ହରାଇ କଂଗ୍ରେସ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ନିବେଦନ କରିଥିଲେ । ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଏହି ସଭାରେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ବାଲେଶ୍ୱରର ସମସ୍ତ ଉନ୍ନୟନ କାର୍ଯ୍ୟ ଓ କଳକାରଖାନା କେବଳ କଂଗ୍ରେସ ସମୟରେ ହିଁ ହୋଇଛି । ଅନ୍ୟ କୌଣସି ଦଳର ବାଲେଶ୍ୱର ସହରର ଉନ୍ନୟନ ପାଇଁ କିଛି ଅବଦାନ ନାହିଁ ଏବଂ କଂଗ୍ରେସ ପ୍ରାର୍ଥୀ ମମତା କୁଣ୍ଡୁ ଜଣେ ଦକ୍ଷ ନାରୀ ନେତ୍ରୀ, ତେଣୁ ତାଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ରାଜ୍ୟ ବିଧାନ ସଭା ଶ୍ରୀ ତାରା ବାହିନୀ ପତି, ବିଧାୟକ, ଶ୍ରୀ ସପ୍ତଗିରି ଉଲ୍ଲାକା, କୋରାପୁଟ ସାଂସଦ, ଶ୍ରୀଯୁକ୍ତ ପ୍ରଦୀପ ମାଝୀ, ପ୍ରାକ୍ତନ ସାଂସଦ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର କାର୍ଯ୍ୟକାରୀ ସଭାପତି ଓ ସୁଦର୍ଶନ ଦାସ ପ୍ରମୁଖ ଏହି ସଭାରେ ଉଦ୍‌ବୋଦନ ଦେଇ କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । କଂଗ୍ରେସ ପ୍ରାର୍ଥୀନୀ ଶ୍ରୀମତୀ ମମତା କୁଣ୍ଡୁ ଏହି ସଭାରେ ଉଦ୍‌ବୋଧନ ଦେଇ ବାଲେଶ୍ୱର ସହରର ସମସ୍ତ କାର୍ଯ୍ୟ କରିବା ସଂଗେ ସଂଗେ ବି.ଜେ.ଡ଼ି ଓ ବି.ଜେ.ପି ସରକାର ବାଲେଶ୍ୱର ଅଧିବାସୀଙ୍କ ଆଶା ଆକାକ୍ଷା ପୂର୍ଣ୍ଣ କରିବା ପାଇଁ ସଂପୂର୍ଣ୍ଣ ବିଫଳ ହୋଇଥିବାରୁ ୩ ବର୍ଷ ତାଙ୍କୁ ସୁଯୋଗ ଦେବା ପାଇଁ ବିନମ୍ର ନିବେଦନ କରିଥିଲେ । ଡକ୍ଟର ଖୁଂଟିଆ, ପୂର୍ବତନ ସାଂସଦ ଏହି ସଭାରେ ପୌରାହିତ କରି ବାଲେଶ୍ୱର ଜିଲ୍ଲା ସଦର ମହକୁମା ମେଡ଼ିକାଲ କଲେଜ ଏବଂ ଇକ୍ଷକ୍ଷଗଝ ର ପ୍ରସ୍ତାବ କଂଗ୍ରେସ ସରକାର ସମୟରେ ଗୋଲାବ ନବୀ ଆଜାଦ ଘୋଷଣା କରିଥିଲେ ଏବଂ ଡକ୍ଟର ଖୁଂଟିଆ ନିଜେ ଇଓଓଗଝ ର ସଦସ୍ୟ ଥିଲେ । ଯାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାର ଜ୍ୱଳନ୍ତ ନିଦର୍ଶନ । ଏହି ସଭାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ସାଧାରଣ ସଂପାଦକ କିଶୋର ଜେନା, ଉପସଭାପତି ମଦନ ମୋହନ ଧଳ, ବିଦ୍ୟାଧର ମହାନ୍ତି, କୋଷାଧ୍ୟକ୍ଷ ଧରଣୀ ଧର ସ୍ୱାଇଁ, ଯୁଗ୍ମ ସଂପାଦକ ଅକ୍ଷୟ ତ୍ରିପାଠୀ, ପ୍ରଣତୀ ମିଶ୍ର, ସୁରେଶ ବେହେରା, ବାସନ୍ତୀ ସାମଲ, ବିକାଶ ଦାସ, ରଘୁନାଥ ମାଝୀ, ପରାମାନନ୍ଦ ସେଠୀ, ବିଷ୍ଣୁ ରଥ, ବିଜୟ ଦ୍ୱିବେଦୀ, ବିଜୟ ବୋଇତଇ, ଚନ୍ଦ୍ରକାନ୍ତ ଖଣ୍ଡେଇ ଓ ରମାକାନ୍ତ ଗାହାଣ ପ୍ରମୁଖ ଯୋଗଦେଇଥିଲେ ।

# ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀକୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତ୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ । କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

# ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧ୍ୟାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଟ୍ଟା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ । ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା । ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା । ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି । ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି । ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି ।

# କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ । ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ । ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୂର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

# ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଡୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକ ତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।


2024-2025

ADMISSION OPEN

Maharishi Public School, Baripada



STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Sunday March 17, 2024 ଭୁବନେଶ୍ୱର ରବିବାର, ମାର୍ଚ୍ଚ ୧୭ ,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ମାର୍ଚ୍ଚ ମାସରେ



ଧର୍ମଶାଳା, (ପିଏନ୍): ଚଳିତ ଥର ମାର୍ଚ୍ଚମାସ ଆରମ୍ଭରୁ ଅସହ୍ୟ ତାତି ଅନୁଭୁତ ହେଉଥିବା ବେଳେ ଲୋକେ ଗରମରେ ଆଉଟୁପାଉଟୁ ହେଉଛନ୍ତି । ଏବେ ରାଜ୍ୟର ବିଭିନ୍ନ ସହରରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି । ତେବେ ଧର୍ମଶାଳା ବ୍ଲକ ଅଂଚଳରେ ସମ ପରିମାଣରେ ଗ୍ରୀଷ୍ମ ପ୍ରବାହ ବଢିବାରେ ଲାଗିଛି । ଯାହା ଫଳରେ ଏବେ ଦିନର ତାପମାତ୍ରା ୩ରୁ ୪ ଡିଗ୍ରୀ ଅଧିକ ରହୁଥିବା ରେକର୍ଡ କରାଯାଇଛି । ଖରା ଆରମ୍ଭରୁ ଯଦି ଏତେ ତେବେ ଆଗକୁ କେତେ ଖରା ହେବ ବୋଲି ଲୋକେ ଦ୍ୱନ୍ଦରେ ପଡିଯାଇଛନ୍ତି । ତାତି ବଢିବା ସହିତ ଭୁତଳ ଜଳସ୍ତର ହ୍ରାସ ପାଇବା ଯୋଗୁ ଏହି ବ୍ଲକର ବିଶେଷ କରି କୁମାରୀ, ଜାରକା, ଅଂଟିଆ, କମାଗଡ, ଗଡମଧୁପୁର,ମହେଶରା, ଆରୁହା, ସମ୍ପାରୁ ଓ ତରିଆ ଆଦି ପଂଚାୟତରେ ଏବେ ଠାରୁ ପାଣି ସମସ୍ୟା ଦେଖା ଦେଲାଣି । ଏହି ପଂଚାୟତ ଗୁଡିକରେ ରହିଥିବା ଅନେକ ନଳକୂପ ଗୁଡିକ ଅଚଳ ହୋଇପଡିଥିବା ବେଳେ ଜଳସ୍ତର ହ୍ରାସ ଯୋଗୁଁ ଅନେକ ନଳକୂପରେ ଗୋଳିଆ ପାଣି ବାହାରୁଥିବା ଦେଖିବାକୁ ମିଳିଛି ।

### ଧର୍ମଶାଳା ପ୍ରେସ୍ କ୍ଲବ୍ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର

ଧର୍ମଶାଳା, (ପିଏନ୍): ଧର୍ମଶାଳା ପ୍ରେସ କ୍ଲବ ତରଫରୁ ସାମ୍ବାଦିକ ଭତାକୁ ନେଇ ଆଜି ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଧର୍ମଶାଳା ତହସିଲଦାରଙ୍କ ଜରିଆରେ ପ୍ରଦାନ କରାଯାଇଛି । ପ୍ରେସକ୍ଲବ ସଭାପତି ରମାକା' ଜେନାଙ୍କ ନେତୃତ୍ୱରେ କ୍ଲବର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ତହସିଲ କାର୍ଯ୍ୟାଳୟରେ ପହଂଚି ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ସରକାର ରାଜ୍ୟର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିବା ସହିତ ସବୁ ବର୍ଗଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ଚାଲିଛନ୍ତି । ଉକ୍ତ ଜନକଲ୍ୟାଣକାରୀ ଯୋଜନା ଓ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକୁ ସାମ୍ବାଦିକ ମାନେ ଅବିରତ ଭାବେ ପ୍ରସାରିତ କରି ଚାଲିଛନ୍ତି । କି' ବିଡମ୍ବନାର ବିଷୟ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ସୁଦ୍ଧା କାର୍ଯ୍ୟରତ ସାମ୍ବାଦିକଙ୍କ ଦାବି ଗୁଡିକ ପ୍ରତି ସରକାର ଅଣଦେଖା କରି ଚାଲିଛନ୍ତି । ବିଶେଷ କରି କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ମାସିକ ଭତା, ଅବସର ନେଇଥିବା ସାମ୍ବାଦିକ ମାନଙ୍କୁ ମାସିକ ପେନସନ, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ପିତା ମାତାଙ୍କୁ ସାମିଲ କରାଯିବା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯିବା ଆଦି ବିଭିନ୍ନ ଦାବି ନେଇ ଆଜି ପ୍ରତିବାଦ କରାଯିବା ସହ ଦାବିଗୁଡିକ ପ୍ରତି ସରକାର ଅବିଳମ୍ବେ ବିଚାର କରିବାକୁ ଦାବି କରିଥିଲେ । ସରକାର ସାମ୍ବାଦିକ ମାନଙ୍କୁ ପେନସନ ପ୍ରଦାନ କରିବା ସହିତ ଅନ୍ୟ ସହାୟତା ପ୍ରଦାନ କରିବାକୁ ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି । ଏହି ସମୟରେ ପ୍ରେସ କ୍ଲବର ସମସ୍ତ କର୍ମକର୍ତା ଓ ସଦସ୍ୟ ଉପସ୍ଥିତ ଥିଲେ ।

## ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ ଇନ୍ଦୁପୁର ସିଏଚ୍‌ସି କମିଟି ପକ୍ଷରୁ ଗଣଧାରଣା

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିଖିଳ ଓଡିଶା ଆଶାକର୍ମୀ ସଂଘ ସିଏଚ୍‌ସି କମିଟି ପକ୍ଷରୁ ଆଜି ଗଣଧାରଣା ଦିଆଯାଇଥିଲା । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରିବା ନିମନ୍ତେ ଆବଶ୍ୟକୀୟ ସରଞ୍ଜାମ ପାଇଁ ୧୦ହଜାର ଟଙ୍କା ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ଆଶାକର୍ମୀମାନଙ୍କୁ ପ୍ରଦାନ କରାଯାଇଥିବା ବେଳେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ଜଣେ ବି ଆଶାକର୍ମୀଙ୍କୁ ଏହି ଅର୍ଥ ପ୍ରଦାନ କରାଯାଇନଥିବାରୁ ସେମାନେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଗଣଧାରଣାରେ ବସି ରହିଥିଲେ । ଆଶାକର୍ମୀମାନେ ନିଷ୍ଠାର ସହିତ କାର୍ଯ୍ୟ ସମ୍ପାଦନ କରି ମାଆ ଓ ଶିଶୁର ସ୍ୱାସ୍ଥ୍ୟରକ୍ଷା ସହିତ ଶିଶୁର ଜନ୍ମ ବ୍ୟବଧାନ, ଯକ୍ଷ୍ମା, ମିଳିମିଳା, ମ୍ୟାଲେରିଆ, କୁଷ୍ଠ ଆଦିକୁ ସମୂଳେ ବିଲୋପ କରିବା ସହିତ ଅନ୍ୟାନ୍ୟ କାମଗୁଡିକ ସୁଚାରୁ ରୂପେ କରିଥାନ୍ତି । ରାଜ୍ୟ ସରକାର ସାଇକେଲ ମରାମତି, ଶାଢୀ, ବାର୍ଷିକ ସରଞ୍ଜାମ ପ୍ରଭୃତି କ୍ରୟ କରିବା ପାଇଁ ବାର୍ଷିକ ୧୦ହଜାର ଟଙ୍କା ଗତ ଜାନୁଆରୀ ମାସ ୩୧ ତାରିଖରେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ ମଧ୍ୟ କେନ୍ଦ୍ରାପଡା ଜିଲ୍ଲାର ଅନ୍ୟ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଆଶାକର୍ମୀମାନେ ଏହି ଅର୍ଥ ପାଇଥିବାବେଳେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ଆଶା ଭଉଣୀମାନେ ଏଥିରୁ ବ ୍ତ ହୋଇଛନ୍ତି । ଏ ସମ୍ପର୍କରେ ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ଏହାମଧ୍ୟରେ ଦେଢମାସ ବିତିଯାଇଥିଲେ ମଧ୍ୟ ଆଶାକର୍ମୀମାନଙ୍କୁ ଏହି ପ୍ରାପ୍ୟ ପ୍ରଦାନ କରା ନଯିବାରୁ ସେମାନେ ବାଧ୍ୟ ହୋଇ ଗଣଧାରଣାରେ ସାମିଲ ହୋଇଛନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି । ସଂଘର ସଭାପତି ସରସ୍ୱତୀ ସ୍ୱାଇଁ ଓ ସମ୍ପାଦିକା ନନ୍ଦିନୀ ସ୍ୱାଇଁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଗଣଧାରଣାରେ ଏଆଇଟିୟୁସିର ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ, ଜିଲ୍ଲା ସମ୍ପାଦିକା କାନ୍ତିପ୍ରଭା ନାୟକ, ଇନ୍ଦୁପୁର ସିଏଚ୍‌ସି ଉପସଭାପତି ଜୟନ୍ତୀ ବାରିକ,ଜିଲ୍ଲା ଉପସଭାପତି ଭଜହରି ପ୍ରଧାନ, ଏଆଇଟିୟୁସି ନେତା ଅକ୍ଷୟ ମଲ୍ଲିକ, ମାନିନୀ ମଲ୍ଲିକ, ନୟନାବତୀ ଜେନା, ସସ୍ମିତା ବାରିକ, ଗୋଲାପି ସାହୁ, ମାତାଜୀ ନାୟକ, ରେଣୁବାଳା ସେଣ, ସ୍ନେହଲତା ପ୍ରଧାନ, ଉର୍ମିଳା ସେଠୀ, ବାସନ୍ତୀ ସାହୁ, ସବିତା ନାୟକ, ସସ୍ମିତା ପୃଷ୍ଟି, ରଞ୍ଜିତା ପରିଡା ପ୍ରମୁଖ ଶତାଧିକ ଆଶାକର୍ମୀ ଏହି ଗଣଧାରଣାରେ ସାମିଲ ହୋଇଥିଲେ । ଅପରାହ୍ନରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ଶ୍ରୀକାନ୍ତ ସ୍ୱାଇଁ ଓ ବିପିଏମ୍ ମଞ୍ଜୁଲତା ସାହୁ ଗଣଧାରଣା ସ୍ଥଳରେ ପହ ୍ ସଂଘର କର୍ମକ ୍ଙ୍କ ସହ ଆଲୋଚନା କରି ଆସନ୍ତା ୩୧ତାରିଖ ସୁଦ୍ଧା ଏହି ଅର୍ଥ ଆଶାକର୍ମୀଙ୍କ ବ୍ୟାଙ୍କ ଜମାଖାତାକୁ ପଠାଯିବାର ପ୍ରତିଶ୍ରୁତି ଦେବା ପରେ ଗଣଧାରଣା ପ୍ରତ୍ୟାହୃତ କରାଯାଇଥିଲା ।

## ପଲିଥିନ୍ ଜବତକୁ ନେଇ ବ୍ୟବସାୟୀଙ୍କ ଦୁର୍ବ୍ୟବହାର

କେନ୍ଦ୍ରାପଡ଼ା, (ପି.ଏନ): କେନ୍ଦ୍ରାପଡା ପୌରସଂସ୍ଥା ପକ୍ଷରୁ ଶୁକ୍ରବାର ଅପରାହ୍ନରେ ସହରର ତିନିମୁହାଣି ମାର୍କେଟ୍‌ରେ ପଲିଥିନ ବିରୋଧୀ ଅଭିଯାନ ଚାଲିଥିବା ବେଳେ ପଲିଥିନ ଜବତକୁ ନେଇ ଜନୈକ ବ୍ୟବସାୟୀ ପୌର କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ପୌରସଂସ୍ଥା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟର ଏମ୍‌ଏଚ୍‌ପିସି ସୁକାନ୍ତ ବିଶ୍ୱାଳ, ସାନିଟାରି ଏକ୍ସପର୍ଟ ଓ ପୌର କର୍ମଚାରୀମାନେ ଟାଉନ ଥାନା ପୋଲିସ ଉପସ୍ଥିତିରେ ତିନିମୁହାଣୀ ମାର୍କେଟର ବିଭିନ୍ନ ଦୋକାନରୁ ପଲିଥିନ୍ ଓ ଫୋମ୍ ପ୍ଲେଟ୍ ଏବଂ ଜରି ଜବତ କରୁଥିବା ସମୟରେ ସାହୁ ବ୍ରଦର୍ସ ନାମକ ଏକ ସଂସ୍ଥାର ମାଲିକ ପୌର କର୍ମଚାରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହିତ ଗାଳିଗୁଲଜ କରିଥିବା ନେଇ ସେମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀଙ୍କୁ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ କର୍ମଚାରୀମାନଙ୍କ ପକ୍ଷରୁ ଜଣାଇ ଦିଆଯାଇଛି ।

## ବିଜେପୁରରେ ମାଲ୍‌ଖାମ୍ବ ପ୍ରଶିକ୍ଷଣ ଶିବିର

ବିଜେପୁର,(ପି.ଏନ):ଆସନ୍ତା ତା ୨୯.୦୩.୨୦୨୪ରୁ ତା୩୧.୦୩.୨୦୨୪ ୩ ଦିନ ପର୍ଯ୍ୟନ୍ତ ହରିଆଣ ପ୍ରଦେଶର ରୋହତକ୍‌ର ଏମ୍.ଡ଼ି. ୟୁନିଭରସିଟିରେ ହେବାକୁ ଥିବା ଜାତୀୟ ସ୍ତରରେ ମାଲଖମ୍ବ ଚମ୍ପିଆନ୍‌ସିପ୍ ପ୍ରତିଯୋଗୀତା ଅନୁଷ୍ଠିତ ହେବ । ଏଡି ପରିପ୍ରେକ୍ଷୀରେ ଓଡ଼ିଶା ରାଜ୍ୟ ମାଲଖମ୍ବ ସଂଗଠନ ନେତୃତ୍ୱରେ ଏକ ୮ ଦିନିଆ ମାଲ୍‌ଖମ୍ବ ପ୍ରଶିକ୍ଷଣ ଶିବିର ରେଡିଏନ୍ସ ଶିକ୍ଷାନୁଷ୍ଠାନ ବିଜେପୁର (ବରଗଡ଼ ଜିଲ୍ଲା)ରେ ଆୟୋଜନ କରାଯାଇଛି । ଏହା ତା ୧୭.୦୩.୨୦୨୪ରୁ ୨୪.୦୩.୨୦୨୪ ପର୍ଯ୍ୟନ୍ତ ରାଜ୍ୟ ଏବଂ ରାଜ୍ୟ ବାହାରର କୋଚ୍‌ମାନଙ୍କ ତ ୍ୱାବଧାନରେ ପ୍ରଶିକ୍ଷଣ ଦିଆଯିବ । ଚୟନିତ ୨୪ ଜଣ ଉଭୟ ବାଳକ ଏବଂ ବାଳିକା ଜାତୀୟ ରୋହତକ୍ ମାଲ୍‌ଖାମ୍ବ ଚମ୍ପିଆନ୍‌ସିପ୍‌ରେ ଭାଗ ନେଇପାରିବେ । ଏଣୁ ଉଭୟ ବାଳକ ଏବଂ ବାଳିକା ନିମ୍ନ ବୟସର ପ୍ରଥମ ୫୦ ଜଣ ୧୬ ମାର୍ଚ୍ଚ ସୁଦ୍ଧା ଆଧାର କାର୍ଡ଼ ଜରିଆରେ ରେଜିଷ୍ଟ୍ରେସନ୍ କରିବେ । ସୂଚନା ଥାଉ କି ପ୍ରଶିକ୍ଷଣ ପାଇଁ ସରକାରୀ ସ୍ତରରୁ ଅନୁଦାନ ପ୍ରାପ୍ତ ହେବା ପର୍ଯ୍ୟନ୍ତ ଖେଳାଇମାନେ ରହିବା, ଖାଇବା ଖର୍ଚ୍ଚ ନିଜେ ବହନ କରିବେ ବୋଲି ଆୟୋଜକ ସନ୍ତୋଷ କୁମାର ନାୟକ, ସ୍ନେହାନିସିନୀ ମହାନ୍ତି ଓ ଗୋବିନ୍ଦ ମେହେର ପ୍ରକାଶ କରିଛନ୍ତି । ଏମାନଙ୍କୁ ମୋବାଇଲି ନଂ ୬୩୭୧୭୫୨୪୫୩ରେ ଯୋଗାଯୋଗ କରିବାକୁ ଅନୁରୋଧ ।

## ମାତ୍ର ୨ ଲକ୍ଷ ଟଙ୍କା ପାଇଁ ଦୁଇ ଝିଆରୀଙ୍କ ବିକି ଦେଇଥିଲା ଖୁଡ଼ି; ପୋଲିସ ଜାଣି ବାହାର ରାଜ୍ୟରୁ କରିଲା ଉଦ୍ଧାର



ଭୁବନେଶ୍ୱର, (ପି.ଏନ): ଚାକିରୀର ପ୍ରଲୋଭନ ଦେଖାଇ ଦୁଇ ଭଉଣୀଙ୍କୁ, ଖୁଡି ୨.୨୦ ଲକ୍ଷ ଟଙ୍କାରେ ବିକି ଦେଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି, ବିଶୋଇ ଅଞ୍ଚଳରେ । ସୂଚନା ମୁତାବକ ବିଶୋଇ ଥାନା ଅଞ୍ଚଳର ଶୋଭା ରାମ ନାଏକ ଙ୍କ ଦୁଇ ଝିଅ ରୀତା ନାଏକ (୨୩) ଓ ଲକ୍ଷ୍ମୀ ନାଏକ (୨୦) କୁ ଗ୍ରାମର ଦେବଜାନୀ (୩୫) ନାମକ ଏକ ମହିଳା, ଓ ବାପି ଓରଫ୍ ରାଜୁ (୪୭) ନାମକ ଏକ ଦାଲାଲ ରାଉରକେଲାରେ ଚାକିରି କରାଇ ଦେବ କହି, ବାପା ଶୋଭା ରାମଙ୍କୁ କହି ଡିସେମ୍ବର ୬ ତାରିଖ ଦିନ ଏକ ଘରୋଇ ବସ ଯୋଗେ ରାଉଲକେଲାକୁ ନେଇ ଯାଇଥିଲେ । ପରେ ରାଜସ୍ଥାନରେ ଟ୍ରେନିଂ ଦିଆଯିବ କହି ରାଉରକେଲାରୁ ଟ୍ରେନ ଯୋଗେ ରାଜସ୍ଥାନକୁ ବାପି ୩ ଜଣକୁ ନେଇ ଏକ ଲୋଜରେ ରଖିଥିଲା । ପରେ ଝିଅ ମାନଂକ କହିବା ମୁତାବକ ସେଠାରେ ସେମାନଙ୍କୁ ବିକ୍ରୀ କରିଦେଇ ପଳାଇ ଆସି ଏବେ ଫେରାର ରହିଥିବା ଜଣାପଡିଛି । ତେବେ କୌଣସି ଉପାୟରେ ଝିଅ ବାପାଙ୍କୁ ଫୋନ୍ ଯୋଗେ ଜଣାଇଥିଲେ କି ଆମ ଦି ଭୋଉଣୀ କୁ ବାପି ଓ ଦେବଜାନୀ ଏଠାରେ ବିକ୍ରି କରି ଦେଇଅଛି । ଝିଅର ଫୋନ୍ ପାଇ ସୋଭା ରାମ ବିଶୋଇ ଥାନା ଏକ ଲିଖିତ ଅଭିଯୋଗ କରିଥିଲେ ।ଅଭିଯୋଗ ଆଧାରରେ ବିଶୋଇ ଥାନା ଅଧିକାରିଣୀ ମିନି ଭୋଇ ଫୋନ୍ ନମ୍ବର୍ କୁ ଟ୍ରାକିଙ୍ଗ୍ କରି ଗତ ୮ ତାରିଖ ଏସ୍ ଆଇ ଘନଶ୍ୟାମ ମଲ୍ଲିକଙ୍କ ନେତୃତ୍ୱରେ କନେଷ୍ଟବଳ ଗଣେଶ୍ୱର ମହାନ୍ତ, କନେଷ୍ଟବଳ ଜାମିନୀ ବାରିକ୍, ଓ ଗୃହରକ୍ଷୀ ଅନିଲ ସେଠୀଙ୍କୁ ନେଇ ଏକ ଟିମ୍ ରାଜସ୍ଥାନକୁ ଯାଇ ଲକ୍ଷ୍ମୀକୁ ରାଜସ୍ଥାନ ଓ ରୀତାକୁ ମଧ୍ୟପ୍ରଦେଶରରୁ ସଫଳତାର ସହିତ ଉଦ୍ଧାର କରି ବୁଧବାର ଅପରାହ୍ନରେ ବିଶୋଇ ଥାନାରେ ପହଞ୍ଚିଥିଲେ । ଲକ୍ଷ୍ମୀକୁ କିଣିଥିବା କ୍ରିପାଲ୍ ନାମକ ଜଣେ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଛି । ତେବେ ଗୁରୁବାର ସମସ୍ତଙ୍କୁ ଡାକ୍ତରୀ ମାଇନା କରାଇ ରାଇରଙ୍ଗପୁର କୋର୍ଟକୁ ପଠାଇଥିଲେ ।

## ଅଷ୍ଟପ୍ରହର ନାମଯଜ୍ଞ ଉଦଯାପିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ କଣିପାଟିଆ ଗ୍ରାମ ଅଷ୍ଟପ୍ରହର ମଣ୍ଡପରେ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଅଷ୍ଟପ୍ରହର ନମଯଜ୍ଞ ଆଜି ଉଦଯାପିତ ହୋଇଯାଇଛି । ଗୁରୁବାର ରାତିରେ କଳଶ ଶୁଭାଦିବାସ କରାଯାଇଥିଲା । ଶୁକ୍ରବାର ଭୋରରୁ ନାମ ଯଜ୍ଞ ଆରମ୍ଭ ହୋଇଥିବା ବେଳେ ସନ୍ଧ୍ୟାରେ ନାମଯଜ୍ଞରେ ବିଭିନ୍ନ ଗ୍ରାମର ସଙ୍କିର୍ତନ ମଣ୍ଡଳି ଯୋଗଦେଇ ନାମ ଓ କିର୍ତନ ପରିବେଷଣ କରିଥିଲେ । ଶନିବାର ଭୋର ସମୟରେ ନାମଯଜ୍ଞ ଛଡାଯାଇଥିବା ବେଳେ ଅପରାହ୍ନରେ ନଗରପରିକ୍ରମା ପରେ ଦହିହାଣ୍ଡି ଭଙ୍ଗା ଯାଇଥିଲା । କଣିପାଟିଆ ଗ୍ରାମର ଶ୍ୟାମସୁନ୍ଦର ସ୍ୱାଇଁ ଦହିହାଣ୍ଡି ଭାଙ୍ଗିଥିଲେ । ଗ୍ରାମର ଯୁବକମାନେ ମହାସମାରୋହରେ ଏହି ଅଷ୍ଟପ୍ରହର ନାମଯଜ୍ଞକୁ ପାଳନ କରିବା ସହ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଦେଶର ଟପ୍ ୨୩ ସଫଳ ମହିଳାଙ୍କ ଭିତରେ ଆଦିବାସୀ ଝିଅ ଜୟନ୍ତୀ



ଭୁବନେଶ୍ୱର,(ପି.ଏନ): ଦେଶର ଟପ୍ ସଫଳ ୨୩ ମହିଳାଙ୍କ ଭିତରେ ଅଛନ୍ତି ଆଦିବାସୀ ଝିଅ ଜୟନ୍ତୀ । ଅନ୍ତର୍ଜାତିୟ ମାଗାଜିନ୍ Forbes ତାଲିକାରେ ସେ ପାଇଛନ୍ତି ସ୍ଥାନ ।ସାରା ବିଶ୍ୱ ଦେଖିଲା ଜୟନ୍ତୀଙ୍କ ସଫଳ ଗାଥା । Forbes ମାଗାଜିନ୍‌ରେ ଫଟୋ ବାହାରିବା ପରେ ତାଙ୍କ ପାଖକୁ ଛୁଟୁଛି ଶୁଭେଛାର ସୁଅ । ସେପଟେ ଦେଶର ଟପ୍ ସଫଳ ମହିଳାଙ୍କ ଭିତରେ ଜୟନ୍ତୀ ଥିବାରୁ ମାଲକାନଗିରିରେ ଖୁସିର ଲହରୀ ଖେଳି ଯାଇଛି ।ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା । ଗାଁ ସ୍କୁଲରେ ପାଠ ପଢ଼ା ସରିବା ପରେ ମାଲକାନ୍‌ଗିରି ଗ୍ରାଜୁଏସନ୍ ପାସ୍ କରିଥିଲେ । ତା'ପରେ କୋରାପୁଟ୍ ? ଚାଲି ଯାଇଥିଲେ । ସେ Central Universityରେ ନାଁ ଲେଖାଇଥିଲେ । ସେଠାରୁ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗରେ ଏମ୍‌ଏ ପାସ୍ କରିଥିଲେ । ତା'ପରେ ସାମ୍ବାଦିକତା କରିବା ଆରମ୍ଭ କରିଥିଲେ । ବଣ ଜଙ୍ଗଲ ଘେରା ବଣ୍ଡା ଘାଟି, ମୁଦୁଲିପଡା ଓ ନକ୍ସଲ ପ୍ରବଣ କାଲିମେଳା, ମାଥିଲି ଅଞ୍ଚଳରେ ରିପୋର୍ଟିଂ କରୁଥିଲେ । ଯେଉଁଥିପାଇଁ ତାଙ୍କୁ ଘଡଗଓ (Network of Woman in Media India) ତରଫରୁ ଫେଲୋସିଫ୍ ପ୍ରଦାନ କରାଯାଇଥିଲା । ରିପୋର୍ଟିଂ ସମୟରେ ସେ ନିଜ ସମ୍ପ୍ରଦାୟର ଗରିବ ଆଦିବାସୀ ମହିଳା ଓ ଯୁବତୀଙ୍କୁ ପାଖରୁ ଦେଖିଥିଲେ । ଋତୁସ୍ରାବ ନେଇ ସେମାନଙ୍କ ଦୁଃଖ ଓ ଯନ୍ତ୍ରଣାକୁ ମର୍ମେ ମର୍ମେ ଅନୁଭବ କରୁଥିଲେ ଜୟନ୍ତୀ । ତେଣୁ ସେମାନଙ୍କ ଦୁଃଖ ଦୂର କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ । ଆଉ ଆରମ୍ଭ କରିଥିଲେ 'ବଡ ଦିଦି' ଅଭିଯାନ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES for Std I to Std V Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray